

“ସବୁ ସମସ୍ୟାର ମୂଳ କାରଣ ହେଉଛି, ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ



## ଆଜି କ'ଣ କେଉଁଠି

ଯାଜପୁର ଜିଲ୍ଲା

- ଲୋକଶକ୍ତି ଅଭିଯାନ ତରଫରୁ ଜନଜାଗରଣ ଯାତ୍ରା। ସ୍ଥାନ-ବ୍ରାହ୍ମଣୀ ନଦୀର ଚଣ୍ଡିପାଳ ଘାଟ, ସମୟ-ସକାଳ ସାଢ଼େ ୭ଟା।
- ବିଶ୍ୱ ପରିବେଶ ଦିବସରେ ନଦୀ ସୁରକ୍ଷା ସମାବେଶ। ସ୍ଥାନ-ବୁଦ୍ଧେଶ୍ୱର ପୀଠ, ଭୂବନା। ସମୟ-ପୂର୍ବାହ୍ନ ୧୦ଟା।
- ଜିଲା ପରିବେଶ ସୋସାଇଟି ପକ୍ଷରୁ ବିଶ୍ୱ ପରିବେଶ ଦିବସ। ସ୍ଥାନ-ବୈଦ୍ୟରାଜପୁର ନୋଡାଲ ୟୁପି ସ୍କୁଲ। ସମୟ-ପୂର୍ବାହ୍ନ ୧୦ଟା।

# ଉତ୍କଟ ହେଉଛି ନଦୀ, ଭୂତଳ ଜଳ ପ୍ରଦୂଷଣ

**ଯାଜପୁର ଅଫିସ,୪।୬**

ବିଶ୍ୱ ପରିବେଶ ଦିବସ ଆସିଲେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା, ସଂଗଠନ ଜଳ ଓ ବାୟୁ ପ୍ରଦୂଷଣ କଥା ଚିନ୍ତା କରିଥାନ୍ତି। କେତୋଟି ସଭା, ଶୋଭାଯାତ୍ରା ଆଦି ଆୟୋଜନ କରି ଲମ୍ବା ଲମ୍ବା ଭାଷଣ ଦେଇଥାନ୍ତି। ହେଲେ ବାସ୍ତବରେ ନଦୀନାଳ, ଭୂତଳ ଜଳ ଓ ବାୟୁ କେତେ ମାତ୍ରାରେ ପ୍ରଦୂଷିତ ହେଉଛି ତାହାର ଆକଳନ କରି ଉପଯୁକ୍ତ ପଦକ୍ଷେପ କିପରି ନିଆଯାଇ ପାରିବ ସେ ନେଇ କୌଣସି କାର୍ଯ୍ୟପନ୍ଥା ବାହାର କରିବାକୁ କାହାର ପାଖରେ ସମୟ ନ ଥିଲା ଭଳି ମନେ ହେଉଛି। ବିଭିନ୍ନ ସମୟରେ କମିଟି ଗଠନ କରି ଯୋଜନା ପ୍ରସ୍ତୁତ ହେଉଛି ସତ ହେଲେ ତାହା ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଜଳ ପ୍ରଦୂଷଣ ଉତ୍କଟ ହେବାରେ ଲାଗିଛି।

ଅର୍ଥନୈତିକ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠାକୁ ଗୁରୁତ୍ୱ ଦିଆଯାଉଛି। ହେଲେ ଏହାର ପ୍ରଭାବ ଯେ, ପରିବେଶ ଓ ନଦୀ ନାଳ ଉପରେ ପଡୁଛି ତାକୁ କେହି ଅନୁଶୀଳନ କରୁ ନାହାନ୍ତି। ଏହିକ୍ରମରେ ଯାଜପୁର ଜିଲାର ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା, ଡମଶାଳା, ଗଣ୍ଡନାଳା ଆଦି ନଦୀନାଳ ଜଳରେ ଅନୁଜ୍ଞେୟ ସୀମିତ (ପରମିସିବୁଲ ଲିମିଟ) ଠାରୁ ଅଧିକ ଫେନୋଲିକ କମ୍ପାଉଣ୍ଡ(କୋଇଲାକ୍ତ ପଦାର୍ଥ), ସାୟାନାଇଡ, ଅମ୍ଳଯୁକ୍ତ ପଦାର୍ଥ (ପିଏଚ୍) ସହ ହେକ୍ସାଭେଲେଣ୍ଟ କ୍ରୋମିୟମ ଓ ଟୋଟାଲ କ୍ରୋମିୟମ ଆଦି ବିଷାକ୍ତ ଦ୍ରବ୍ୟ ରହିଛି। ସରକାରୀସ୍ତରରେ ବିଭିନ୍ନ ପରୀକ୍ଷାରୁ ଏହା ସ୍ପଷ୍ଟ ହୋଇଛି। ଏହାସହ ଉଦ୍‌ଗମସ୍ଥଳରେ ଖଣି କାର୍ଯ୍ୟ ଯୋଗୁ ମୃତ୍ତିକା ଓ ଜଙ୍ଗଲ କ୍ଷୟ ହୋଇ ନଦୀରେ ଜଳପ୍ରବାହ କମିବାରେ ଲାଗିଛି। କଳିଙ୍ଗନଗରର ଶିଳ୍ପ କାରଖାନା ଓ ସୁକିନ୍ଦା କ୍ରୋମ୍‌ଜୋନର ବିଭିନ୍ନ ଖଣିରୁ ଦୂଷିତ ଜଳ ନିଷ୍କାସିତ ହୋଇ ନଦୀ ବିଷାକ୍ତ ହେବାରେ ଲାଗିଛି। ଏହି କାରଣରୁ ଯାଜପୁର ଜିଲାର ସମସ୍ତ ପ୍ରମୁଖ ନଦୀର ସ୍ୱାସ୍ଥ୍ୟ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ସେଥିରେ ପୁଣି ନଦୀରେ ଯାହା ପାଣି ଅଛି, ତାକୁ ଶିଳ୍ପ କାରଖାନାଗୁଡ଼ିକ ବଡ଼ ବଡ଼ ପାଇପ ପକାଇ ଶୋଷି ନେଉଛନ୍ତି। ଶିଳ୍ପ ଓ ଖଣି ପ୍ରଭାବିତ ଏହି ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ଜଳ ଗତ ପ୍ରାୟ ୧୦/୧୫ ବର୍ଷ ହେଲା ଦ୍ରୁତ ହ୍ରାସ ପାଇଛି। ଭୂତଳ ଜଳସ୍ତର ହ୍ରାସ, ଜଙ୍ଗଲ ଓ ମୃତ୍ତିକା କ୍ଷୟ, ଉତ୍ତାପ ବୃଦ୍ଧି ଇତ୍ୟାଦି କେତେକ କାରଣରୁ ନଦୀଜଳ ହ୍ରାସ ପାଉଥିବା ବେଳେ ନଦୀଶଯ୍ୟାରେ କଂକ୍ରିଟବନ୍ଧ ଦେଇ କାରଖାନାକୁ ଜଳଯୋଗାଣ ଯୋଗୁ ପ୍ରତିବର୍ଷ ମାର୍ଚ୍ଚ ମାସ ବେଳକୁ ନଦୀରେ ଜଳ ସଙ୍କଟ ଦେଖାଯାଉଛି। ଏଭଳି ପରିସ୍ଥିତିରେ ନଦୀକୁ ଉଦ୍ଧାର କରା ନ ଗଲେ ଆଗାମୀ ୬/୭ ବର୍ଷ ମଧ୍ୟରେ ନଦୀର ମୃତ୍ୟୁ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏହାର ତଦନ୍ତ ଓ ପ୍ରତିକାର ପାଇ ଜଙ୍ଗଲ ଓ ପରିବଶେ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀଙ୍କ ନେତୃତ୍ୱରେ ଏକ ୫ ଜଣିଆ କମିଟି ଗଠନ କରିବାକୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି) ୨୦।୯।୨୦୧୮ରେ ଦେଇଥିବା ରାୟରେ ପାରା ୫୦(ll) ରେ ନିର୍ଦ୍ଦେଶ ଜାରି କରିଛନ୍ତି। କମିଟିରେ ପରିବେଶ ବିଭାଗ ନିର୍ଦ୍ଦେଶକ, ସହର ଉନ୍ନୟନ ନିର୍ଦ୍ଦେଶକ, ଶିଳ୍ପ ନିର୍ଦ୍ଦେଶକ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ସଦସ୍ୟ ସଚିବ ସାମିଲ ହୋଇ ଏକ ଆକ୍ସନ ପ୍ଲାନ ତିଆରି କରିବାକୁ ଏନ୍‌ଜିଟି ପରାମର୍ଶ ଦେଇଛି। ଏହି କମିଟିକୁ ରିଭର ରେଜୁଭିନେସନ କମିଟି(ଆରଆରସି) ବୋଲି ନାମକରଣ କରାଯାଇଛି। ୧୫।୪।୨୦୧୯ ରେ ରାଜୀବ ଭବନ କନ୍‌ଫରେନ୍ସ ହଲ୍‌ରେ ରିଭର ରେଜୁଭିନେସନ ସଂକ୍ରାନ୍ତୀୟ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଆସନ୍ତା ୫ବର୍ଷ ମଧରେ ଜଳସମ୍ପଦ, ମୃତ୍ତିକା, ପଞ୍ଚାୟତିରାଜ, କୃଷି ଓ ଜଙ୍ଗଲ ବିଭାଗର ମିଳିତ ସହଯୋଗରେ ଏକ କାର୍ଯ୍ୟନ୍ୱୟନ ଯୋଜନା ପ୍ରସ୍ତୁତ ହୋଇଛି। ଏହାସହ ନିଶ୍ଚିତ ବଜେଟ ତିଆରି କରି ଯୋଜନାର ପ୍ରାରମ୍ଭରେ କେତେ ଟଙ୍କା ଖର୍ଚ୍ଚ ହେବ ତାର ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାକୁ ବିଭାଗୀୟ ପରାମର୍ଶ ଦିଆଯାଇଛି। ତେବେ ରିଭର ରେଜୁଭିନେସନ କାର୍ଯ୍ୟକାରୀ ହେଲେ ଜଳ ପ୍ରଦୂଷଣକୁ କିପରି ରୋକାଯାଇ ପାରିବ ସେ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯିବ କି ନାହିଁ ତାହା ସ୍ପଷ୍ଟ କରାଯାଇ ପାରିନାହିଁ। ଶିଳ୍ପ କାରଖାନା ଓ ଖଣି ଯୋଗୁ ହେଉଥିବା ପ୍ରଦୂଷଣକୁ କିପରି ରୋକାଯାଇ ପାରିବ ତାହା ମଧ୍ୟ ଉକ୍ତ ବୈଠକ ବିବରଣୀରେ ଦର୍ଶାଯାଇ ନାହିଁ। ତେଣୁ ପ୍ରଦୂଷଣମୁକ୍ତ ନଦୀ ପାଇଁ ଏକ ମେଗା ଯୋଜନା ପ୍ରସ୍ତୁତ କରିବାର ସମୟ ଆସିଛି ବୋଲି ବିଭିନ୍ନ ମହଲରେ ଦାବି ହେଉଛି। ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀ ଜଳ ଗୁରୁତର ଭାବେ ବିଷାକ୍ତ ହେଉଛି। ବ୍ରାହ୍ମଣୀ ନଦୀଗର୍ଭରେ ସୁନ୍ଦରଗଡ, ଅନୁଗୋଳ, ଯାଜପୁର ଆଦି ଜିଲାରେ ଗଢ଼ି ଉଠିଥିବା ଶିଳ୍ପ କାରଖାନାର ବର୍ଜ୍ୟଜଳ ଛଡ଼ା ଯାଉଛି। ଏହାସହ ରତ୍ନଗର୍ଭା ସୁକିନ୍ଦାର ଖଣି ବର୍ଜ୍ୟଜଳ ଡମଶାଳା ନାଳା ଦେଇ ବ୍ରାହ୍ମଣୀରେ ମିଶୁଛି। ହାଇକୋର୍ଟରେ ଏନେଇ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଗତ ୫ ବର୍ଷ ହେଲା ନଦୀଜଳକୁ ସ୍ୱଚ୍ଛ ଓ ପାନୀୟ ଉପଯୋଗୀ କରିବାକୁ ବିଭିନ୍ନ ଯୋଜନା ପ୍ରସ୍ତୁତ ହେଉଛି। ମାତ୍ର ଯୋଜନା କାର୍ଯ୍ୟକାରୀ ହେଉ ନ ଥିବାରୁ ନଦୀଜଳ ବିଷାକ୍ତ ହେବାରେ ଲାଗିଛି। ଅନ୍ୟପକ୍ଷେ ଗତ ୨୦୧୮ ଅକ୍ଟୋବର ଓ ଏପ୍ରିଲ ମାସରେ ଜିଲାର ଖଣି ଅଞ୍ଚଳ କାଳିଆପାଣି, ଟିସ୍କୋ, ସାରୁଆବିଲ ଓ କମର୍ଦ୍ଦା ନିକଟରୁ ସଂଗୃହିତ ଭୂତଳ ଜଳ ପରୀକ୍ଷାରୁ ଭୂତଳ ଜଳ ଗୁରୁତର ଭାବେ ବିଷାକ୍ତ ହୋଇଥିବା ଜଣାପଡିଛି। ଏସ୍‌ପିସିବିର ସଦସ୍ୟ ସଚିବ ଏହି ମର୍ମରେ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କୁ ଜଣାଇବା ପରେ ମଧ୍ୟ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ ନ ହେବା ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

### କାର୍ଯ୍ୟକାରୀ ହେଉନି ଯୋଜନା



**ଆଜି ବିଶ୍ୱ ପରିବେଶ ଦିବସ**

## ଅଗ୍ନିବିପନ୍ନଙ୍କୁ ମିଳିଲା ସହାୟତା ପ୍ରତିଶ୍ରୁତି

**ରସୁଲପୁର,୪।୬(ଡି.ଏନ୍.ଏ.):** ରସୁଲପୁର ତହସିଲ ଅନ୍ତର୍ଗତ ବନ୍ଧଡିହ ପଞ୍ଚାୟତ କିଆବାରୀ ସାହିର ରମେଶ ମଲିକଙ୍କ ୩ବଖରା ଘର ରବିବାର ସନ୍ଧ୍ୟାରେ ବଜ୍ରାଘାତରେ ଜଳିଯାଇଛି। ଏଥିସହ ଘରେ ଥିବା ୨ଟି ଛେଳି, ୮ଟି କୁକୁଡା ମରିଯାଇଥିବା କ୍ଷତିଗ୍ରସ୍ତ ପରିବାର ପକ୍ଷରୁ ଅଭିଯୋଗ ହେଉଛି। ଏ ସମ୍ପର୍କରେ ଅଭିଯୋଗ ପାଇବା ପରେ ମଙ୍ଗଳବାର ଅପରାହ୍ନରେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଘଟଣାସ୍ଥଳ ପରିଦର୍ଶନ କରିବା ସହ କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ପ୍ରଦାନ କରିବା ସହ ଲୁଗାପଟା ଓ ବାସନକୁସନ ପାଇଁ ଅର୍ଥ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବଜ୍ରାଘାତରେ ଘରଟି ସଂପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ଏବାବଦରେ କ୍ଷତିଗ୍ରସ୍ତ ପରିବାରକୁ ୯୫ଜହାର ଟଙ୍କା ମିଳିବ ବୋଲି ରାଜସ୍ୱ ନିରୀକ୍ଷକ ନୃସିଂହ ଚରଣ ବେହେରାଙ୍କ ଠାରୁ ସୂଚନା ମିଳିଛି।

## ଟ୍ରକ୍ ଡ୍ରାଇଭରଙ୍କୁ ମାଡ଼ମାରି ଲୁଟିନେଲେ ଟଙ୍କା

**କାଳିଆପାଣି,୪।୬(ଡି.ଏନ୍.ଏ.):** କାଳିଆପାଣି ଥାନା ଅନ୍ତର୍ଗତ ଟମକା-ମଙ୍ଗଳପୁର ରାସ୍ତାର କୁସୁମୁଡ଼ିଆ-କଲରଙ୍ଗୀ ରାସ୍ତାରେ ସୋମବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ଡ୍ରାଇଭର ଲୁଟ୍‌ର ଶିକାର ହୋଇଛନ୍ତି। ଦୁର୍ବୃତ୍ତମାନେ ତାଙ୍କୁ ମାଡ଼ମାରି ୬ ହଜାର ୫ଶହ ଟଙ୍କା ଲୁଟି ନେଇଛନ୍ତି। ଏଥିସହ ଟକ୍‌ରେ ଥିବା ବିଭିନ୍ନ ସାମଗ୍ରୀ ଲୁଟି ନେଇଥିବା ମଙ୍ଗଳବାର ଟ୍ରକ୍ ମାଲିକ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ଖଣି ଅଞ୍ଚଳରୁ ଟ୍ରକ୍ ଟାଟା ଖଣିରୁ ଏନ୍‌ଇସିସି ପରିବହନ ସଂସ୍ଥା ପକ୍ଷରୁ କ୍ରୋମାଇଟ ଲୋଡ଼ିଂ କରି ଜିନ୍ଦଲ କାରଖାନାକୁ ଯାଉଥିଲା। ଏହି ସମୟରେ ଟ୍ରକ୍‌କୁ କଲରଙ୍ଗୀ ଓଏମ୍‌ସି ଛକ ନିକଟରୁ ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ପିଛା କରିଥିଲେ। ଏହିପରି କଲରଙ୍ଗୀ ଢାବା ଛକ ନିକଟରୁ ଆଉ ଏକ ବାଇକରେ ଦୁଇଜଣ ପିଛା କରି କିଛିବାଟ ଦୂର ଗଲାପରେ ଟ୍ରକ୍ ଅଟକାଇଥିଲେ। ପରେ ସେମାନେ ଟ୍ରକ୍ ମୁଖ୍ୟ କାଚ ଭାଙ୍ଗି ଡ୍ରାଇଭର କୁଶ ମହାନ୍ତଙ୍କୁ ବନ୍ଧୁକ ଓ ଖଣ୍ଡା ଦେଖାଇ ମାଡ଼ମାରି ତାଙ୍କ ନିକଟରେ ଥିବା ଟଙ୍କା ଛଡାଇ ନେଇଥିଲେ। ଏଥିସହ ଦୁର୍ବୃତ୍ତମାନେ ଟ୍ରକ୍‌ରେ ରହିଥିବା ଅନ୍ୟାନ୍ୟ ସମାଗ୍ରୀ ଲୁଟ୍ କରି ଫେରାର ହୋଇଯାଇଥିଲେ। ମଙ୍ଗଳବାର କୁଶ ମାଲିକଙ୍କୁ ଜଣାଇବା ପରେ ମାଲିକ ସୁଧାକର ମହାନ୍ତ କାଳିଆପାଣି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନା ଅଧିକାରୀ ରମାକାନ୍ତ ମୁଦୁଲି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡିଛି।

■ ତହସିଲ ଟାର୍ଗେଟରେ ବେଆଇନ ପଥର ଖାଦାନ

## ଚଢ଼ାଉ ବେଳେ ୨୩ ଗାଡ଼ି ଜବତ

**ଧର୍ମଶାଳା/ଚଢେଇଧରା/ଜେନାପୁର,୪।୬(ଡି.ଏନ୍.ଏ.)**

ଢେଙ୍କାନାଳ ପୋଲିସ ପ୍ରଶାସନ ପକ୍ଷରୁ ଯାଜପୁର ଜିଲା ସୀମାନ୍ତ ଚଢ଼କମରା ଡଙ୍କାରୀ ପାହାଡରେ ଥିବା ବେଆଇନ କଳାପଥର ଖାଦାନରେ ଗତ ଏକ ତାରିଖରେ ବ୍ୟାପକ ଚଢାଉ କରାଯାଇଥିଲା। ଉକ୍ତ ଚଢାଉରେ ୨୯ରୁ ଊର୍ଦ୍ଧ୍ୱ ଗାଡି ଜବତ ହୋଇଥିଲା। ଢେଙ୍କାନଳ ପୋଲିସ ପ୍ରଶାସନର ଏଭଳି କାର୍ଯ୍ୟାନୁଷ୍ଠାନ ବେଶ୍ ପ୍ରସଂଶିତ ହୋଇଥିବାବେଳେ ଯାଜପୁର ପୋଲିସ ପ୍ରଶାସନର ବେଆଇନ ପଥର ମାଫିଆଙ୍କ ପ୍ରତି ନରମ ମନୋଭାବକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏ ନେଇ ତଥ୍ୟ ସମ୍ବଳିତ ଖବର ଧରିତ୍ରୀରେ ଗତ ୩ ତାରିଖରେ ପ୍ରକାଶ ପାଇବା ପରେ ଏବେ ଧର୍ମଶାଳା ତହସିଲ ସଜାଗ ହୋଇଛି। ମଙ୍ଗଳବାର ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା ପୋଲିସ ପ୍ରଶାସନ ସହାୟତାରେ ବିଭିନ୍ନ ସ୍ଥାନରେ ଚଢାଉକରି ବେଆଇନଭାବେ କଳାପଥର ପରିବହନ କରୁଥିବା ୨୩ ଗାଡି ଜବତ କରିଛନ୍ତି। ତହସିଲ ପକ୍ଷରୁ ପ୍ରଥମଥର କରି ସର୍ବାଧିକ ୨୩ଟି ଗାଡି ଜବତ ହୋଇଥିବାବେଳେ ଏହି ଗାଡିଗୁଡିକଠାରୁ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ତହସିଲଦାର ବେଆଇନଭାବେ ପରିବହନ ହେଉଥିବା ୫୩ନଂ ଜାତୀୟ ରାଜପଥ ଚଢେଇଧରା, ଜେନାପୁର, ମାଣ୍ଡିଆ, ବରଡା, ପାଖର ଓ ଜାତୀୟ ରାଜପଥ ୫(କ) ଶ୍ରୀରାମପୁର ଟୋଲଗେଟ୍ ନିକଟରେ ଚଢାଉକରି ୧୬ଟି ହାଇୱା, ୫ ଟିପ୍ପର, ୨ ଟ୍ରକ୍ ଜବତ କରିଥିଲେ। ଚଢାଉରେ ଧର୍ମଶାଳା ତହସିଲଦାର ପଣ୍ଡାଙ୍କ ସମେତ ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ମହାନ୍ତି, ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁ, ଜେନାପୁର ଥାନା ଅଧିକାରୀ ସୁଶାନ୍ତ ଦାଶ, ଆର୍‌ଆଇ ବିରଞ୍ଚି ବୋଇତେଇ, ଏଆରଆଇ ଚନ୍ଦନ ସାହୁ, ଜଗବନ୍ଧୁ ଜେନା ପ୍ରମୁଖ ସାମିଲ ଥିଲେ। ରବିବାର ଓ ସୋମବାର ଦିନ ଜବତ ହୋଇଥିବା ୮ଟି ଗାଡି ମଧ୍ୟରୁ ୪ଟି ଗାଡିଠାରୁ ୧ଲକ୍ଷ ୭୦ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାପଡିଛି। ପ୍ରକାଶ ଯେ, ଧର୍ମଶାଳା ତହସିଲର ୯୨ଟି ସଇରାତ ମଧ୍ୟରୁ ୪୬ଟି ନିଲାମ ହୋଇଥିଲାବେଳେ ଅବଶିଷ୍ଟ ୪୬ଟି ନିଲାମ ହୋଇନାହିଁ। ଏହାର ସୁଯୋଗ ନେଇ ପଥର ମାଫିଆମାନେ ପ୍ରତ୍ୟେହ ବିଭିନ୍ନ ମେସିନ୍ ସାହାଯ୍ୟରେ ନିଲାମ ହୋଇ ନ ଥିବା ସଇରାତଗୁଡିକରୁ ପଥର ଭାଙ୍ଗି ଚୋରାରେ ଚାଲାଣ କରୁଛନ୍ତି। ଫଳରେ ବହୁ ରାଜସ୍ୱହାନୀ ହେଉଛି।



ଧର୍ମଶାଳା ଥାନା ପରିସରରେ ରଖାଯାଇଥିବା ଜବତ ଗାଡ଼ି।

## ବେଆଇନ ଘାଟ ଉପରେ ଚଢ଼ାଉ, ୧୧ ଟ୍ରାକ୍ଟର ଜବତ

**ରସୁଲପୁର,୪।୬(ଡି.ଏନ୍.ଏ.):** ରସୁଲପୁର ତହସିଲ ଅଧିନରେ ଏକାଧିକ ବେଆଇନ ବାଲିଘାଟ ଖୋଲିଛି। ବିନା ସରକାରୀ ମାହାସୁଲରେ ମାଫିଆମାନେ ଏଠାରୁ ବାଲି ଲୁଟ୍ କରୁଛନ୍ତି। ଫଳରେ ନିଲାମ ଘାଟରୁ ବାଲି ପରିବହନ ପ୍ରଭାବିତ ହେଉଛି। ଏପରି କି ନିଲାମଧାରୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ରତର ହେବାରେ ଲାଗିଛି। ଏନେଇ ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କ ନିକଟରେ ବାରମ୍ବାର ଅଭିଯୋଗ ହୋଇଆସୁଛି। ସାଧାରଣ ନିର୍ବାଚନ ପରିଚାଳନାରେ ବ୍ୟସ୍ତତା ଯୋଗୁଁ ଗତ କିଛିଦିନ ହେଲା ବାଲିଘାଟଗୁଡ଼ିକ ଉପରେ ଚଢ଼ାଉ ହେଉ ନ ଥିବାରୁ ବାଲି ମାଫିଆଙ୍କ ପାର୍ଦୁଭାବ ବଢ଼ି ଯାଇଛି। ଏପରି କି ଆଇନକୁ ହାତକୁ ନେବାକୁ ପଛାଇ ନାହାନ୍ତି। ରାଜେନ୍ଦ୍ରପୁର ପଞ୍ଚାୟତର ବ୍ରାହ୍ମଣୀ ନଦୀରୁ ବେଆଇନ ବାଲିଚାଲାଣ ହେଉଥିବାବେଳେ ସୋମବାର ତହସିଲଦାର ଭୁଜବଳ ଚଢାଉ କରିବା ସମୟରେ ମାଫିଆଙ୍କ ଠାରୁ ମାଡ଼ ଖାଇବା ଘଟଣା ଏହାର ଏକ ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଉଛି। ତେବେ ବାଲି ମାଫିଆଙ୍କ ଆକ୍ରମଣରେ ଭୟଭୀତ ନ ହୋଇ ତହସିଲଦାର ମଙ୍ଗଳବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ବାଲିଘାଟ ଉପରେ ଚଢାଉ କରିଛନ୍ତି। ଅପରାହ୍ନରେ ତହସିଲଦାର ଭୁଜବଳ ବାହଦଲାପୁର ପଞ୍ଚାୟତର କମାରପାଳ ଗାଁ ନିକଟସ୍ଥ ଖରସ୍ରୋତା ନଦୀରୁ ବେଆଇନ ବାଲି ଉଠୁଥିବା ଖବର ପାଇ ଚଢାଉ କରିଥିଲେ। ପରେ ସନ୍ଧ୍ୟାରେ ସୁପରଭାଇଜର ମହେଶ୍ୱର ସେଠୀ, ଦୁର୍ଯ୍ୟୋଧନ ଷଡଙ୍ଗୀଙ୍କ ସହ କୁଆଖିଆ ପୋଲିସର ଏକ ଦଳକୁ ନେଇ ତହସିଲ୍‌ଦାର ଜାବରା, କଲଣ, କର୍ଣ୍ଣିଆକଣ, ଆଦି ସ୍ଥାନରେ ବ୍ରାହ୍ମଣୀ ନଦୀରୁ ବେଆଇନ ବାଲିଘାଟ ଉପରେ ଚଢାଉ କରିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ମୋଟ ୧୧ଟି ଟ୍ରାକ୍ଟରକୁ ଜବତ କରି ଥାନାରେ ରଖାଯାଇଥିବା ଜଣାପଡ଼ିଛି। ଉକ୍ତ ଟ୍ରାକ୍ଟର ଗୁଡ଼ିକର ବାଲିଚାଲାଣ ନେଇ କାଗଜପତ୍ର ଯାଞ୍ଚ କରାଯାଉଛି। ଯାଞ୍ଚ ପରେ ଅନିୟମିତତା ଥିବା ଟ୍ରାକ୍ଟର ମାଲିମାନଙ୍କୁ ନୋଟିସ ଜାରି କରାଯିବ। ସେମାନେ ପହଁଚି କାଗଜପତ୍ର ଦେଖାଇବା ସହ ଜରିମାନା ପୈଠ କରିବେ ବୋଲି ତହସିଲ୍ ପକ୍ଷରୁ ସୂଚନା ମିଳିଛି।



## ୩ ମୋରମ ବୋଝେଇ ଟ୍ରକ୍ ଜବତ

### ଧାଉଡ଼ିଆପଦାରେ ଚଢ଼ାଉ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୪।୬(ଡି.ଏନ.ଏ./ସ୍ୱ.ପ୍ର.):** ଦର୍ପଣ ତହସିଲ ଅନ୍ତର୍ଗତ ଅସିହା ପର୍ବତମାଳାର ଏକ ଅଂଶବିଶେଷ ଧାଉଡ଼ିଆପଦାରେ ତହସିଲଦାର ଅଶୋକ କୁମାର ଦାସ ସୋମବାର ରାତିରେ ଚଢ଼ାଉ କରି ୩ ମୋରମ ବୋଝେଇ ଟ୍ରକ୍ ଜବତ କରିଛନ୍ତି। ଜବତ ଟ୍ରକ୍‌ଗୁଡ଼ିକ ହେଲା (ଓଆର- ୦୯ଇ-୫୭୨୮), (ଓଆର- ୦୯-୪୭୩୧), (ଓଆର- ୦୯ଡି-୩୩୯୮)। ଟ୍ରକ୍‌ଗୁଡ଼ିକୁ ଜବତ କରି ବାଲିଚନ୍ଦ୍ରପୁର ଥାନା ଜିମା ଦେଇଛନ୍ତି। ତେବେ ଜଣେ ପୂର୍ବତନ ସମିତି ସଭ୍ୟଙ୍କ ମାଲିକାନାରେ ଏଭଳି ବେଆଇନ ଖାଦାନ ଦୀର୍ଘଦିନ ଧରି ଚାଲୁଥିବା ଜଣାପଡ଼ିଛି। ସେମାନେ ରାତିରେ ବେଆଇନ ଖନନ କରି ବାହାରକୁ ଚାଲାଣ କରୁଥିବା ତହସିଲଦାର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବିନା ଲିଜ୍‌ରେ ପାହାଡ଼ରୁ ଦୈନିକ ଶହ ଶହ ଟ୍ରିପ୍ ମୋରମ ଚାଲାଣ କରାଯାଉଛି।

### ଦେଉଳି ପାହାଡରୁ ମହିଳାଙ୍କ ମୃତଦେହ, ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର ଘଟଣା

## ମୁଖ୍ୟ ଅଭିଯୁକ୍ତ କୋର୍ଟ ଚାଲାଣ

**ଧର୍ମଶାଳା,୪।୬(ଡି.ଏନ୍.ଏ.)**

ଧର୍ମଶାଳା ଥାନା ଦେଉଳି ପାହାଡ ଉପରୁ ମେ ୪ତାରିଖରେ ଜଣେ ମହିଳାଙ୍କ ମୃତଦେହ ସହ ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ରବିବାର ପୋଲିସ ମୁଖ୍ୟ ଅଭିଯୁକ୍ତ ଦେଉଳି ଗ୍ରାମର ବିଜୟ ବେହେରାଙ୍କୁ(୩୦) ଚେନ୍ନାଇରୁ ଗିରଫ କରିଥିଲା। ମଙ୍ଗଳବାର ତାଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଥିବା ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି। ଏଥିସହ ବିଜୟ ତାର ସହଯୋଗୀ ବିଚିତ୍ରାନନ୍ଦ ରଣାଙ୍କ ସହ ମିଶି ମହିଳା ଜଣଙ୍କୁ ହତ୍ୟା କରିବା ସହ ଝିଅଙ୍କୁ ବଳତ୍କାର କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିବା ସେ କହିଛନ୍ତି। ଏହି ଘଟଣାରେ ପୂର୍ବରୁ ପୋଲିସ ସହଯୋଗୀ ବିଚିତ୍ରନନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ପ୍ରକାଶ ଯେ, ଗତ ବର୍ଷ ନଭେମ୍ବରରେ ବିଜୟ ମିତାଙ୍କ ଝିଅଙ୍କୁ ବଳାତ୍କାର କରିଥିବା ନେଇ ଥାନାରେଏକ ମାମଲା (୪୪୦/୧୮) ରୁଜୁ ହୋଇଥିଲା। ଏହାପରେ ବିଜୟ ଫେରାର ହୋଇଯାଇଥିଲା। କିନ୍ତୁ ଗତ ମାସ ୨ ତାରିଖ ଫନୀ ବାତ୍ୟା ପୂର୍ବ ରାତିରେ ବିଜୟ ତାର ସହଯୋଗୀଙ୍କ ସହ ମିତାଙ୍କ ଝିଅଙ୍କୁ ପାହାଡ ଉପରକୁ ଉଠାଇ ନେଇଥିଲେ। ସେଠାରେ ତାଙ୍କୁ ବଳାତ୍କାର ମାମଲା ଉଠାଇବା ପାଇଁ ଧମକ ଦେଇଥିଲେ। ଏହି ସମୟରେ ମିତା ସେଠାରେ ପହଞ୍ଚି ଦୃଢ ବିରୋଧ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ବିଜୟ ତାଙ୍କୁ ହତ୍ୟା କରବା ସହ ଝିଅଙ୍କୁ ବଳାତ୍କାର କରି ଫେରାର ହୋଇଯାଇଥିଲା। ପିତା କୃଷ୍ଣଚନ୍ଦ୍ର ସାମଲଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (୨୧୬/୧୯) ରୁଜୁ କରି ଘଟଣାରେ ସମ୍ପୃକ୍ତିଥିବା ଦେଉଳି ଗ୍ରାମର ବିଚିତ୍ରାନନ୍ଦ ରଣାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ମୁଖ୍ୟ ଅଭିଯୁକ୍ତଙ୍କୁ ଗରିଫ କରିବା ନେଇ ଦୀର୍ଘଦିନ ଧରି ବିଭିନ୍ନ ସ୍ଥାନରେ ଛାନଭିନ ଜାରି ରଖିଥିଲା। ରବିବାର ମୋବାଇଲ ଟ୍ରାକିଂ ଜରିଆରେ ବିଜୟ ଚେନ୍ନାଇର ଏକ କରତକଳରେ କାମ କରୁଥିବା ଖବର ପାଇ ପୋଲିସ ତାଙ୍କୁ ଗିରଫ କରିଥିଲା। ସୋମବାର ତାଙ୍କୁ ଘଟଣାସ୍ଥଳକୁ ନେଇ ପୋଲିସ ଅଧିକ ତଦନ୍ତ କରିଥିଲା।



ପୋଲିସ ହେପାଜତରେ ଅଭିଯୁକ୍ତ ବିଜୟ ବେହେରା।

■ ରସୁଲପୁର ତହସିଲରେ ଜନସେବା ଅଧିକାର ଆଇନ ବାଟବଣା

## ୩ମାସ ହେଲା ବିଏସ୍‌ଏନ୍‌ଏଲ୍ ସେବା ଠପ୍

**ରସୁଲପୁର,୪।୬(ଡି.ଏନ୍.ଏ.)**

ଯାଜପୁର ଜିଲା ରସୁଲପୁର ତହସିଲରେ ବାଟବଣା ହୋଇଛି ଜନସେବା ଅଧିକାର ଆଇନ। ଏଠାରେ ୩ମାସ ହେଲା ବିଏସ୍‌ଏନ୍‌ଏଲ୍ ସେବା ଠପ୍ ହୋଇଯାଇଛି। ଏଭଳି ଅବ୍ୟବସ୍ଥା ପାଇଁ ତହସିଲ ପକ୍ଷରୁ ଜିଲାପାଳ, ବିଏସଏନଏଲ ଅଧରକାରୀଙ୍କୁ ବାରମ୍ବାର ଅବଗତ କରାଯାଇଛି। ହଲେ ମସସ୍ୟା ସମାଧାନ ହୋଇପାରୁ ନାହିଁ। ଫଳରେ ତହସିଲକୁ ନାନା ସହାୟତା ପାଇଁ ଆସୁଥିବା ଜନସାଧାରଣଙ୍କୁ ନିରାଶ ହେବାକୁ ପଡୁଛି। ଏଥିପାଇଁ ବିଏସ୍‌ଏନ୍‌ଏଲ୍ କର୍ତ୍ତୃପକ୍ଷଙ୍କ ଇଣ୍ଟରନେଟ ସେବା ପ୍ରଦାନ ଦିଗରେ କାଳକ୍ଷେପଣ ନୀତିକୁ ଦାୟୀ କରାଯାଉଛି। ସାଧାରଣ ଲୋକଙ୍କ ସମସ୍ୟାକୁ ବହୁଗୁଣିତ କରୁଥିବା ବିଏସ୍‌ଏନ୍‌ଏଲ୍ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଜନସେବା ଅଧିକାରୀ ଆଇନ ଉଲ୍ଲଙ୍ଘନ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି।

ରସୁଲପୁର ତହସିଲ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ଭାଜନ ହୋଇପାରୁ ନାହିଁ। ତହସିଲରୁ ଲୋକେ ବିଭିନ୍ନ ସୁବିଧା ପାଇବାକୁ ନିରାଶାରେ ଫେରୁଛନ୍ତି।ଏପରି ସମସ୍ୟା ଗତ ୩ମାସ ହେଲା ତହସିଲ କାର୍ଯ୍ୟାଳୟରେ ଦେଖିବାକୁ ମିଳୁଛି। ଇଣ୍ଟରନେଟ୍ ସେବାରେ ବ୍ୟାଘାତ ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ତହସିଲର ବହୁ ଜନାଭିମୁଖୀ କାର୍ଯ୍ୟକ୍ରମ ଓସ୍ୱାନ ନାମକ ସଂସ୍ଥା ଦ୍ୱାରା ପରିଚାଳିତ ହେଉଛି। ଏହି ସଂସ୍ଥାର ସାଇଟ୍ କେବଳ ବିଏସ୍‌ଏନ୍‌ଏଲ୍ ନେଟୱର୍କରେ ଉପଲବ୍ଧ ହେଉଛି। ଏହି ନେଟୱର୍କରେ ତ୍ରୁଟି ବିଚ୍ୟୁତି ଯୋଗୁ ଜମିଜମା ସମ୍ପର୍କିତ ସେବା ଯଥା ପଟ୍ଟା ପ୍ରଦାନ, ମିଉଟେଶନ, ପାର୍ଟିସନ, କନଭର୍ସନ ଆଦି ସମସ୍ୟା ସମାଧାନ ହୋଇପାରୁ ନାହିଁ। ଏହାଛଡା ଛାତ୍ରୀଛାତ୍ର ଓ ବେକାରୀ ଯୁବତୀଯୁବକଙ୍କ ପାଇଁ ଜାତିଗତ, ଆୟଗତ, ବାସଗୃହ ଜନିତ, ଆର୍ଥିକ ଭଳି ପ୍ରମାଣପତ୍ର ମିଳିପାରୁ ନାହିଁ। ଏଥିସହ ସରକାରଙ୍କ ପକ୍ଷରୁ ଆସୁଥିବା ଚିଠିପତ୍ର ସମ୍ପର୍କିତ ସୂଚନା ଆଦି ମିଳିପାରୁ ନାହିଁ। ଜରୁରୀକାଳୀନ ସେବାକୁ ମୋବାଇଲ ନେଟୱର୍କରେ ପରିଚାଳନା କରାଯାଉଛି। ବାକି ଆଉ ସବୁ ଜନାଭିମୁଖୀ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏ ନେଇ ତହସିଲ କର୍ମଚାରୀଗଣ ଅନେକ ସମୟରେ ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ଉକ୍ତ ସମସ୍ୟାକୁ ନେଇ ହାତବାନ୍ଧି ବସି ନାହାଁନ୍ତି ବୋଲି ତହସିଲ୍‌ଦାର ଜ୍ୟୋତିକାନ୍ତ ଭୁଜବଳ ପ୍ରକାଶ କରିଛନ୍ତି। ସେ ଏ ଦିଗରେ ୨ଥର ଚିଠି ଜରିଆରେ ଜିଲା ଅଧିକାରୀଙ୍କ ନଜରକୁ ଆଣିଛନ୍ତି। ତହସିଲ ଚିଠି ନଂ-୫୮୬/୧୯ ଓ ପରେ ମେ ୨୫ ତାରିଖରେ ଚିଠି ନଂ ୧୧୪୯/୧୯ରେ ଉଚ୍ଚପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବ୍ୟକ୍ତିଗତ ଭାବରେ ବିଏସ୍‌ଏନ୍‌ଏଲ୍(ଚଣ୍ଡିଖୋଲ ଡିଭିଜନ) ଅଧିକାରୀଙ୍କ ସହ ଫୋନ ଯୋଗେ କଥା ହୋଇଛନ୍ତି। ତହସିଲ ଅଧିନସ୍ଥ ୪୦ହଜାରରୁ ଊର୍ଦ୍ଧ୍ୱ ପରିବାରର ଲକ୍ଷାଧିକ ଲୋକ ଏଠାରୁ ସେବା ପାଇବା ପାଇଁ ନିର୍ଭର କରୁଛନ୍ତି। ମାତ୍ର ଏଠାରେ ସେମାନଙ୍କୁ ମାସାଧିକ କାଳ ସେବା ମିଳିପାରୁ ନାହିଁ। ଏ ସବୁ ଜାଣି ବିଏସଏନଏଲ କର୍ତ୍ତୃପକ୍ଷ ସମସ୍ୟାକୁ ଅଣଦେଖା କରୁଥିବାର ଅଭିଯୋଗ ହେଉଛି। ଏ ନେଇ ବିଏସ୍‌ଏନ୍‌ଏଲ୍ ସହାକରୀ ଯନ୍ତ୍ରୀ ଚନ୍ଦ୍ରକାନ୍ତ ସ୍ୱାଇଁଙ୍କୁ ପଚାରିବାରୁ ସେ ରାଜପଥ କର୍ତ୍ତୃପକ୍ଷଙ୍କ ଉପରକୁଦୋଷ ଠେଲିଦେଇଛନ୍ତି। ରାଜପଥ ସମ୍ପ୍ରସାରଣ ଯୋଗୁଁ ମାଟିତଳେ ପ୍ରାୟତଃ ଦେଢ଼ କି.ମି. ଲମ୍ବର ଟେଲିଫୋନ ଲାଇନ ଏକାଧିକ ସ୍ଥାନରେ ଖରାପ ହୋଇଯାଇଛି। ତାକୁ ଚିହ୍ନଟ କରିବା ସମ୍ଭବପର ହେଉନାହିଁ। ଏହାର ବିକଳ୍ପ ଭାବରେ ସେ ଓଭର ହେଡ କନେକ୍ସନ ସଂଯୋଗ କରି ସମସ୍ୟା ସମାଧାନ କରିବେ ବୋଲି ପ୍ରକାଶ କରିଛନ୍ତି। ଆସନ୍ତା ସପ୍ତାହ ମଧ୍ୟରେ ସମାସ୍ୟା ସମାଧାନ ହୋଇଯିବ ବୋଲି ସହାକରୀ ଯନ୍ତ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି।





ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।

- ଆବ୍ରାହମ୍ ଲିଙ୍କନ

## ସଂକ୍ଷେପରେ

### ନାବାଳିକା ଅପହରଣ ଘଟଣା, ଅଭିଯୁକ୍ତ କୋର୍ଟ ଚାଲାଣ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୪।୬ (ଡି.ଏନ./ସ୍ୱ.ପ୍ର.)- ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଅପହରଣ ଘଟଣାରେ ପୋଲିସ ମଙ୍ଗଳବାର ଜଣଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ମାହାଙ୍ଗା ଥାନା ଅନ୍ତର୍ଗତ କୁସୁପୁର ଗ୍ରାମର ପ୍ରକାଶ ବେହେରା। ପ୍ରକାଶ ଯେ, ଗତ ମେ ୧୭ ତାରିଖରେ ପ୍ରକାଶ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ଏ ନେଇ ପରିବାର ପକ୍ଷରୁ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ( ନଂ. ୧୧୯/୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲା।

### ଭାଜପାର ସମୀକ୍ଷା ବୈଠକ

ଯାଜପୁର ଟାଉନ,୪।୬(ଡି.ଏନ.ଏ.)- ସାଧାରଣ ନିର୍ବାଚନ ପରେ ଯାଜପୁର ଭାଜପା ପକ୍ଷରୁ ମଙ୍ଗଳବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ବ୍ଲକ ଅନ୍ତର୍ଗତ ୨୯ ନଂ. ଜୋନ୍‌ରେ ଜିଲା ଭାଜପା କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ଯାଜପୁର ବିଧାନସଭା ଓ ଲୋକ ସଭା ଆସନରେ ପରାଜୟର କାରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଭାଜପା ଜିଲା ସଭାପତି ଗୌତମ ରାୟ ଯୋଗଦେଇ କର୍ମକର୍ତ୍ତାଙ୍କ ଅନୁଭୂତି ଓ ନିର୍ବାଚନ ପରିଚାଳନା ସମ୍ପର୍କରେ ଆଲୋଚନା କରିବା ସହ ତ୍ରୁଟି ସୁଧାରିବାକୁ ପରାମର୍ଶ ଦେଇଥିଲେ। ଦୀପ୍ତିରେଖା ମିଶ୍ର, ଝୁନାରାଣୀ ପଣ୍ଡା, ଜିତାମିତ୍ର ଦାସ, କୈଳାସ ପହି, ସୁଦୀପ୍ତ ପଣ୍ଡା, ସୁବୋଧ ବିହାରୀ, ନିରଞ୍ଜନ ବଳ, ସୌମ୍ୟ ଧଳ, ପ୍ରଦିପ ଧଳ, ଶ୍ରୀଧର ବିଶ୍ୱାଳ, କୁଳମଣି ପରିଡ଼ା, ନିତ୍ୟାନନ୍ଦ ସାହୁ, ପ୍ରଫୁଲ୍ଲ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ବୈଠକରେ ଉପସ୍ଥିତ ଥିଲେ।

#### ରମଜାନ ମାସରେ ପୁଅ ନିଖୋଜ

### ଫେରିବା ବାଟକୁ ଚାହିଁବସିଛି ମା'

ଯାଜପୁର ଟାଉନ,୪।୬(ଡି.ଏନ୍.ଏ.)- ଯାଜପୁର ପୌରାଞ୍ଚଳର ଜଣେ ୧୪ ବର୍ଷର ନାବାଳକ ଗତ ୧ ତାରିଖରେ ନିଖୋଜ ହୋଇଯାଇଛନ୍ତି। ଏବେ ରମଜାନ ମାସ ଚାଲିଥିବାବେଳେ ପୁଅର ଫେରିବା ବାଟକୁ ମା' ଚାହିଁ ବସିଛନ୍ତି। ପ୍ରକାଶ ଯେ, ଯାଜପୁର ସହରର କାଳିମେଘା ନିକଟ ପୁରୁଷୋତ୍ତମପୁର ଗ୍ରାମର ଏସ୍.କେ. କୋଲୋଙ୍କ ପୁଅ ଏସ୍.କେ ସାହିଲ (୧୪) ଗତ ୪ ଦିନ ହେବ ଘରୁ କୁଆଡେ ପଳାଇଯାଇଛନ୍ତି। ଏ ନେଇ ନାବାଳକଙ୍କ ମା'ଗୋଲାବୁନ୍ ବିବି ଯାଜପୁର ଟାଉନ ଥାନାରେ ପୁଅ ନିଖୋଜ ହୋଇଥିବା ନେଇ ଅଭିଯୋଗ କରିଥିଲେ। ସାହିଲ ସାମାନ୍ୟ ମାନସିକ ବିକାରଗ୍ରସ୍ତ ବୋଲି ତାଙ୍କ ମା' କହିଛନ୍ତି।।

### ଶିକ୍ଷକ ନେତାଙ୍କୁ ଅବନୀ ବରାଳ ସ୍ମୃତି ସମ୍ମାନ

ବରୀ,୪।୬(ସ୍ୱ.ପ୍ର.)- ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ନେତା ଅବନୀ ବରାଳଙ୍କ ୮୫ତମ ଜୟନ୍ତୀ ସମାରୋହ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଇଡକଲ୍ ଅଡ଼ିଟୋରିୟମ୍‌ରେ ପାଳିତ ହୋଇଯାଇଛି। ଏଥିରେ ବରୀ ଅଞ୍ଚଳର ଶିକ୍ଷକ ନେତା ଲୋକନାଥ ଦାସଙ୍କୁ ଅବନୀ ବରାଳ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗଦେଇ ଶିକ୍ଷକ ନେତା ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏ ନେଇ ବରୀ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

### ବାଇକ୍ ଡମ୍ଫର ମୁହାଁମୁହିଁ ଧକ୍କା: ଜଣେ ମୃତ, ଜଣେ ଗୁରୁତର

କଳିଙ୍ଗନଗର,୪।୬(ଡି.ଏନ୍.ଏ.)- ଟମକା ଥାନା ଅନ୍ତର୍ଗତ ଫୁଲଝର ଗୋବରଧନପୁର ରାସ୍ତାରେ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ସୋମବାର ରାତିରେ ଚିଡ୍ରି ପଞ୍ଚାୟତର ରାଜୁ ପାତ୍ର ଓ ଅଜୟ ପାତ୍ର ଦୁଇ ଭାଇ ଏକ ବାଇକରେ ଫୁଲଝର ଅଞ୍ଚଳକୁ ଆସୁଥିଲେ। ଏହି ସମୟରେ ସାମ୍ନାପଟୁ ଏକ ଡମ୍ଫର(ଓ.ଆର.୦୯.କେ. ୮୨୫୬)ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ରାଜୁ ପାତ୍ରଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଅବସ୍ଥାରେ ଅଜୟଙ୍କୁ ଦାନଗଦୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏ ନେଇ ମଙ୍ଗଳବାର ପୋଲିସ ଏକ ମାମଲା (୪୩/୧୯) ରୁଜୁକରି ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପଠାଇ ତଦନ୍ତ ଚଳାଇଛି।

#### ବ୍ୟାସନଗର ପୌର ପରିଷଦ

# ବର୍ଷା ଆସୁଛି, ହେଲାନି ଡ୍ରେନ୍ ସଫେଇ



- ପରିମଳ ସଂସ୍ଥାର କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ
- ସହରବାସୀଙ୍କ ସ୍ୱାର୍ଥକୁ ବଳି ପକାଇ ମାଲାମାଲ ହେଉଛନ୍ତି ପୌର କର୍ମଚାରୀ
- ଚିନ୍ତାର କାରଣ ସାଜିଛି ପରିବେଶ ପ୍ରଦୂଷଣ

ଯାଜପୁର ଅଫିସ,୪।୬

ରାଜ୍ୟକୁ ମୌସୁମୀ ବର୍ଷା ଆଗମନର ସମୟ ପ୍ରାୟ ଉପନୀତ ହୋଇଛି। କିଛି କିଛି ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ମଧ୍ୟ ହେଲାଣି। ହେଲେ ଯାଜପୁର ଜିଲାର ଅନ୍ୟତମ ସହର ତଥା କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ପୌରାଞ୍ଚଳର କୌଣସି ଡ୍ରେନ୍‌ରୁ ଏଯାବତ୍ ମଇଳା ଆବର୍ଜନା ଉଠାଯାଇନାହିଁ। ଯାହା ଫଳରେ ବର୍ଷା ଆରମ୍ଭ ହେଲାମାତ୍ରେ ସହରରେ କୃତ୍ରିମ ବନ୍ୟା ହେବାର ସମ୍ଭାବନା ସୃଷ୍ଟି କରିଛି। ବର୍ଷା ପୂର୍ବରୁ ସହରର ୨୬ଟି ୱାର୍ଡର ସମସ୍ତ ଡ୍ରେନରୁ ମଇଳା ଆବର୍ଜନା ସହ ଲଟାବୁଦା ସଫା କରିବାକୁ ଦାୟିତ୍ୱରେ ଥିବା ଜାଗୃତି ପରିମଳ ସଂସ୍ଥା ଗୁରୁତ୍ୱ ଦେଉ ନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପରିମଳ ସଂସ୍ଥା ଜାଗୃତିକୁ ପୌର ପରିଷଦ ପକ୍ଷରୁ ମାସିକ ୧୩ ରୁ ୧୪ ଲକ୍ଷ ଟଙ୍କା ପଇଠ କରାଯାଉଥିଲେ ହେଁ ଗତ ୪/୫ ମାସ ହେଲା ସହରର ଅଧିକାଂଶ ଡ୍ରେନ୍ ସଫା ହେଉ ନ ଥିବା ଦେଖିବାକୁ ମିଳିଛି। ଏକ୍ଷେତ୍ରରେ ଯାଜପୁର ମ୍ୟୁନିସିପାଲିଟି କେବଳ ଅପରାଧୀକ ଅବହେଳା କରୁନାହିଁ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ତାଗିଦକୁ ମଧ୍ୟ ବେଖାତିର କରୁଛି। ଅପରପକ୍ଷେ ମ୍ୟୁନିସିପାଲିଟିର ଏହି ଆଭିମୁଖ୍ୟ ପାଇଁ ସହରର ବାୟୁ ଏବଂ ଜଳ ପ୍ରଦୂଷିତ ହେଉଛି। ଖାଲି ସେତିକି ନୁହେଁ ସହର ତଳମୁଣ୍ଡରେ ଗଣ୍ଡନାଳା ଜଳ ପାନୀୟ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରୁଥିବା ଗ୍ରାମାଞ୍ଚଳ ଅଧିବାସୀଙ୍କ ପାଇଁ ଯାଜପୁର ମ୍ୟୁନିସିପାଲିଟି ଏକ ପ୍ରକାର ଅପରାଧୀ ସାଜିଛି।

ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳ ୮୮୧.୧୬ ବର୍ଗ କିଲୋମିଟରକୁ ନେଇ ଗଢି ଉଠିଛି। ସେଥିମଧ୍ୟରୁ ୨୨.୩୬ବର୍ଗ କିଲୋମିଟର ଅଞ୍ଚଳକୁ ନେଇ ବ୍ୟାସନଗର ମ୍ୟୁନିସିପାଲିଟିର ପରିସୀମା। ପ୍ରତ୍ୟହ ସହରରୁ ଅତି କମ୍‌ରେ ୫୦ଟନ୍ ଆବର୍ଜନା ବାହାରିଥାଏ। ଏହାବାଦ ସହରର ଡ୍ରେନେଜ ବ୍ୟବସ୍ଥାରେ ବର୍ହିଗମନ ପଥ ନ ଥିବାରୁ ପ୍ରାୟ ୭୦ପ୍ରତିଶତ ବିଷାକ୍ତ ଜଳ ସହରର ବିଭିନ୍ନ ବିଲବାଡି, ପୋଖରୀ ଆଦି ସ୍ଥାନରେ ଜମା ରହୁଛି। ଉତ୍ତମ ପରିମଳ ସେବା ପାଇଁ ୨୦୧୭ ସେପ୍ଟେମ୍ବର ମାସରୁ ସହରର ୨୬ଟି ୱାର୍ଡର ପରିମଳ କାର୍ଯ୍ୟର ଘରୋଇକରଣ ହୋଇଛି। ଜାଗୃତି ନାମକ ଏକ ଅନୁଷ୍ଠାନକୁ ପରିମଳ ଦାୟିତ୍ୱ ଦିଆଯାଉଥିବା କୁହାଯାଉଥିଲେ ହେଁ ଏହା ସାଧାରଣ ଠିକା ବ୍ୟବସ୍ଥାରେ ପରିଣତ ହୋଇଛି। ଆଉ ଏହି ଠିକା ବ୍ୟବସ୍ଥାକୁ ନେଇ ଉପୁଜିଥିବା ବିବାଦ ଯୋଗୁ ବ୍ୟାସନଗର ସହରର ପରିମଳ ବିପର୍ଯ୍ୟସ୍ତ ଅବସ୍ଥାରେ ପହଞ୍ଚିଛି। ଫଳରେ ଆଗାମୀ ଦିନରେ ସହରର ଅବସ୍ଥା ଆହୁରି ଦୁର୍ଦ୍ଦଶାଗ୍ରସ୍ତ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ପ୍ରଥମବର୍ଷ ଘରକୁ ଘର ବୁଲି ସହରର ୬୦ପ୍ରତିଶତ ଅଞ୍ଚଳରୁ ମଇଳା ଉଠାଇବେ, ଦ୍ୱିତୀୟ ବର୍ଷ ୮୦ପ୍ରତିଶତ ଓ ତୃତୀୟ ବର୍ଷ ୧୦୦ ପ୍ରତିଶତ ଏହି କାର୍ଯ୍ୟ କରିବାକୁ ଜାଗୃତି ସହିତ ଚୁକ୍ତି ହୋଇଛି। ଏହାବାଦ ଅଳିଆ ଉଠାଣ, ଗଳି ରାସ୍ତା ସଫେଇ, ଡ୍ରେନ୍ ସଫେଇ, ବୁଦା ଓ ଘାସ କଟା ଆଦି ୧୦୦ପ୍ରତିଶତ କରିବାକୁ ଜାଗୃତି ଚୁକ୍ତିରେ ପ୍ରତିଶ୍ରୁତି ଦେଇଛି। କିନ୍ତୁ ତାହା କେବଳ ପ୍ରତିଶ୍ରୁତିରେ ସୀମିତ ରହିଛି। ବାସ୍ତବରେ ଯେତେ ଟଙ୍କା ଖର୍ଚ୍ଚ ଖର୍ଚ୍ଚ ହେଉଛି ତାର ତୁଳନାରେ କେତେକ ପୌର ଅଧିକାରୀଙ୍କୁ ହାତକରି ଏହାର ୨ ଗୁଣ ବିଲ୍ ଦାଖଲ କରାଯାଉଛି । ଏଥିପାଇଁ ସହରବାସୀ ନୟାନ୍ତ ହେଉଥିବାବେଳେ ଠିକାସଂସ୍ଥା ଓ ପୌର ଅଧିକାରୀ ମାଲାମାଲ ହେଉଛନ୍ତି । ଉପଯୁକ୍ତ ଭାବେ ସଫେଇ ନ ହେଲେ ଚୁକ୍ତିରେ ଠିକାସଂସ୍ଥାକୁ ଜରିମାନା ବ୍ୟବସ୍ଥା ରହିଛି। ହେଲେ ଏଯାଏ ନିୟୋଜିତ ପ୍ରଭାବଶାଳୀ ଠିକାସଂସ୍ଥା ଜାଗୃତି ଠାରୁ ଏହା ଲାଗୁ ହୋଇନାହିଁ। ବିଶେଷକରି ଡ୍ରେନଗୁଡିକ ନିୟମିତ ଭାବେ ସଫେଇ ହେଉ ନଥିବାରୁ ଆଗାମୀ ବର୍ଷା ପାଇଁ ସହରବାସୀ ନାହିଁ ନ ଥିବାର ସମସ୍ୟା ଭୋଗିବେ ବୋଲି ଆଶଙ୍କା କରାଯାଉଛି । ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ତଳି ଅଞ୍ଚଳରେ ଥିବା ଘର ଭିତରକୁ ବର୍ଷା ପାଣି ପଶିବାର ସମ୍ଭାବନା ଦେଖା ଦେଇଛି। ଏ ସଂକ୍ରାନ୍ତରେ ବ୍ୟାସନଗର ପୌରାଞ୍ଚଳର ପ୍ରଶାସକ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି ଉପଯୁକ୍ତ ଭାବେ ସଫେଇ କରିବାକୁ ପରିମଳ ସଂସ୍ଥାକୁ ତାଗିଦ କରାଯାଇଛି । ତେବେ ବର୍ଷା ପୂର୍ବରୁ ଡ୍ରେନଗୁଡିକୁ ମଧ୍ୟ ସଫେଇ କରିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି।

#### ବୋହୂ ଆକ୍ରମଣରେ ଶାଶୁ ଆହତ

### ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଶାଶୁ

କୋରେଇ,୪।୬(ସ୍ୱ.ପ୍ର.)

ବୋହୂଙ୍କ ଆକ୍ରମଣରେ ଆହତ ହୋଇଥିବା ଶାଶୁ ନ୍ୟାୟ ପାଇଁ ମଙ୍ଗଳବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ୧ ତାରିଖରେ ଯାଜପୁର ସଦର ଥାନା ଅନ୍ତର୍ଗତ ଉପରବରୁହାଁ ଗ୍ରାମର କରିମ ବଖରାଙ୍କ ସ୍ତ୍ରୀ ସମା ବିବି ତାଙ୍କ ୩ ପୁଅଙ୍କ ପରାମର୍ଶକ୍ରମେ ଧାର କରଜ କରି ଘର ନିର୍ମାଣ କରିଥିଲେ। ହେଲେ ୨ ପୁଅ କରଜ ପଇସା ଦେଉଥିବାବେଳେ ମଝିଆ ପୁଅ ପଇସା ଦେଉ ନ ଥିଲେ। ପରେ ଭଦ୍ରଲୋକମାନେ ବସି ମଝିଆ ପୁଅ ସେକ ମୁସ୍ତାକମ ମାସିକ ୧୩ ହଜାର ଟଙ୍କା ଦେବାକୁ ସ୍ଥିର ହୋଇଥିଲା। ମାତ୍ର ଟଙ୍କା ଦେବା ତ ଦୂରର କଥା ପୁଅର ଅନୁପସ୍ଥିତିରେ ମଝିଆ ବୋହୂ ହୁସନାର ବେଗ ଗତ ୧ ତାରିଖରେ ଶାଶୁଙ୍କୁ ମାଡି ମାରି ହାତ ଭାଙ୍ଗି ଦେଇଥିଲେ। ଏ ନେଇ ସମା ୨ ତାରିଖରେ ସଦର ଥାନାରେ ଅଭିଯୋଗ କରିଥିଲେ। ହେଲେ ନ୍ୟାୟ ଦେବା ବଦଳରେ ପୋଲିସ ଓଲଟି ଗାଳିଗୁଲଜ କରିଥିବା ସମା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସଦର ଥାନା ଆଇଆଇସିଙ୍କୁ ପଚାରିବାରୁ, ଅଭିଯୋଗ ଆଧାରରେ ୩ ତାରିଖରେ ଏକ ମାମଲା (ନଂ.୯୭/୧୯) ରୁଜୁ କରାଯାଇଛି। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

#### ନାବାଳିକା ଅପହରଣ ଘଟଣା

# ଅପହରଣକାରୀଙ୍କୁ ଗିରଫ ଦାବିରେ ଧାରଣା

ଛତିଆ,୪।୬(ଡି.ଏନ.ଏ.)

ବୈରୀ ଥାନା ଅନ୍ତର୍ଗତ ସମିଆଁ ପଞ୍ଚାୟତର ନାବାଳିକା ଅପହରଣ ଘଟଣାକୁ ଦୁଇ ମାସ ବିତିଯାଇଥିଲେ ମଧ ଅଦ୍ୟାବଧି ପୋଲିସ ଅପହରଣକାରୀଙ୍କୁ ଗିରଫ କରିବାରେ ସଫଳ ହୋଇନାହିଁ। ତେବେ ତୁରନ୍ତ ଅପହରଣକାରୀଙ୍କୁ ଗିରଫ ଓ ତଦନ୍ତ ଅଧିକାରୀଙ୍କୁ ପରିବର୍ତ୍ତନ ଦାବିରେ ମଙ୍ଗଳବାର ପରିବାର ଲୋକେ ବୈରୀ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଥାନାଧିକାରୀ ନିରଞ୍ଜନ ଶବର ପହଞ୍ଚି ପରିବାର ଲୋକଙ୍କ ସହ ଉକ୍ତ ଦାବି ବିଷୟରେ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ନିଜେ ଥାନାଧିକାରୀ ନିରଞ୍ଜନ ତଦନ୍ତଭାର ନେବେ ବୋଲି ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହାର କରିଥିଲେ।

**ଥାନାଧିକାରୀଙ୍କ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହାର**




ଥାନା ସମ୍ମୁଖରେ ପରିବାର ଲୋକେ ଧାରଣା ଦେଇଛନ୍ତି ।

ପ୍ରକାଶ ଯେ, ଗତ ଏପ୍ରିଲ ୬ ତାରିଖରେ ସମିଆଁ ପଞ୍ଚାୟତର ଜଣେ ନାବାଳିକା ସ୍କୁଲରୁ ଫେରିବାବେଳେ ନିଖୋଜ ହୋଇଯାଇଥିଲେ। ସମିଆଁ ପଞ୍ଚାୟତ ଅନ୍ତର୍ଗତ ରାଇଝର ଗ୍ରାମର ଧୀର ବେହେରା ନାବାଳିକାଙ୍କୁ ଅପହରଣ କରିଥିବା ଖବରପାଇ ପରିବାର ଲୋକେ ୮ ତାରିଖରେ ବୈରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ. ୫୪/୧୯) ରୁଜୁ କରିଥିଲା। ଧୀରଙ୍କ ନାମରେ ଅଭିଯୋଗ ହେବାରୁ ତାଙ୍କର ବଡ଼ ଭାଇ କ୍ଷୀର ନାବାଳିକାଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିବା ନେଇ ନାବାଳିକାଙ୍କ ମା' ଥାନାରେ ଅନ୍ୟ ଏକ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ ଦାୟିତ୍ୱ ଏଏସ୍‌ଆଇ ଗିରିଶ ମହାନ୍ତିଙ୍କୁ ଦିଆଯାଇଥିଲା। ହେଲେ ୨ ମାସ ବିତିଯାଇଥିଲେ ମଧ ପୋଲିସ ନାବାଳିକାଙ୍କୁ ଉଦ୍ଧାର ନ କରିବା ଓ ଅପହରଣକାରୀଙ୍କୁ ଗିରଫ ନ କରିବାରୁ ପରିବାର ଲୋକେ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଏ ସମ୍ପର୍କରେ ବୈରୀ ଥାନାଧିକାରୀ ନିରଞ୍ଜନ ଶବରଙ୍କୁ ପଚାରିବାରୁ, ସେମାନେ ୪ ସ୍ଥାନରେ ଚଢ଼ାଉ କରିଥିଲେ ମଧ ସନ୍ଧାନ ପାଇ ନ ଥିଲେ। ଏପରିକି ଅପହରଣକାରୀଙ୍କ ମୋବାଇଲ ଟ୍ରାକିଂ କରି ବାଙ୍ଗାଲୋରରେ ଥିବା ଜାଣିବା ପରେ ଏକ ପୋଲିସ୍ ଟିମ୍ ସେଠାକୁ ଯାଇଥିଲା। ମାତ୍ର ପୋଲିସ୍ ପହଞ୍ଚିବା ପୂର୍ବରୁ ସେମାନେ ଉକ୍ତ ସ୍ଥାନ ଛାଡି ପଳାଇଯାଇଥିଲେ। ପରେ ସେମାନେ ସୁରଟରେ ଥିବା ଜଣାପଡିଛି। ଯାଜପୁର ଆରକ୍ଷୀ ଅଧୀକ୍ଷକଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ଏକ ପୋଲିସ୍ ଟିମ୍ ସୁରଟ ପଠାଯିବା ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

#### ସହରର ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

### ସମାଧାନ ନ ହେଲେ ଆନ୍ଦୋଳନ ତୀବ୍ରତର



ବୈଠକରେ ଉପସ୍ଥିତ ଅତିଥି ।

ଯାଜପୁରରୋଡ,୪।୬(ନି.ପ୍ର.)

ବ୍ୟାସନଗର ପୌରାଞ୍ଚଳର ସମସ୍ୟାକୁ ନେଇ ଆଇଏନଟିୟୁସି ଜିଲା କାର୍ଯ୍ୟାଳୟରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପ୍ରଦେଶ ଅଣସଂଗଠିତ ଶ୍ରମିକ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶ୍ରମିକ ଓ ସହରର ବୁଦ୍ଧିଜୀବୀ ବୈଠକରେ ଯୋଗଦେଇଥିଲେ। ସହରର ସମସ୍ୟାକୁ ନେଇ ୧୫ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଯାଇଛି। ଦାବିପତ୍ର ଉପରେ ବିଚାର କରା ନ ଗଲେ ଆଗାମୀ ଦିନରେ ସମଗ୍ର ବ୍ୟାସନଗର ଅଞ୍ଚଳରେ ବୁଦ୍ଧିଜୀବୀ ଓ ସ୍ଥାନୀୟ ଲୋକଙ୍କୁ ନେଇ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ରାଜ୍ୟ ଅଧ୍ୟକ୍ଷ ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ନିର୍ବାଚିତ ପ୍ରତିନିଧିଙ୍କ ଜରିଆରେ ବାରମ୍ବାର ବୈଠକରେ ନିଷ୍ପତ୍ତି ଓ ସିଦ୍ଧାନ୍ତ ନିଆଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହେଉନାହିଁ, ୨୬ ୱାର୍ଡବାସୀଙ୍କ ମୌଳିକ ଅଧିକାରକୁ ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ଅଣଦେଖା କରିବା, ସାଇ ମନ୍ଦିର ନିକଟ ଲେଭେଲ କ୍ରସିଂ ଉପରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ, ବୃନ୍ଦାଭାଟୀ ପ୍ଲଟଠାରେ ଏକ ଡମ୍ପିୟାର୍ଡ ସ୍ଥାପନ ଆଦି ଦାବି କରାଯାଇଥିଲା। ପରମାନନ୍ଦ ସେଠୀ, ବିଜୟ ବିଶ୍ୱାଳଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ବରୀ ବିଧାୟିକାଙ୍କ ସମୀକ୍ଷା ବୈଠକ

ବରୀ,୪।୬(ସ୍ୱ.ପ୍ର.)

ବରୀ ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟିକା ସୁନନ୍ଦା ଦାସ ମଙ୍ଗଳବାର ବରୀ ମାଉଣ୍ଡସ୍ଥିତ ଜଳସମ୍ପଦ ବିଭାଗର ଡାକବଙ୍ଗଳାରେ ଏକ ସମୀକ୍ଷା ବୈଠକ କରିଥିଲେ। ଏଥିରେ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ସୁବାସ ତ୍ରିପାଠୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବାମା ବିଶ୍ୱାଳ, ବରୀ, ରୁଦ୍ରପୁର, ରତ୍ନଗିରି, ବାଲିକୁଦା, ବରୁହାଁ ସେକ୍ସନର ସମସ୍ତ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ। ବରୀ ଅଞ୍ଚଳରେ ବନ୍ଧବାଡ଼ର ସୁରକ୍ଷା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଆସୁଛି। ଏହାର ଠିକ୍ ବିନିଯୋଗ କରିବା ପାଇଁ ଜଳ ସମ୍ପଦ ବିଭାଗକୁ ବିଧାୟିକା ଦାସ ପରାମର୍ଶ ଦେଇଛନ୍ତି। ପ୍ରକାଶଥାଉକି ପୂର୍ବରୁ ବନ୍ଧ ବାଡ଼ ନିର୍ମାଣ ନାଁରେ ଲକ୍ଷ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ନେଇ ବିଧାୟିକା ଦାସ କ୍ଷୋଭ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ବନ୍ଧ ବାଡ଼ ପାଇଁ ଯେଉଁ ଅର୍ଥ ଆସିବ, ଏ ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ସରିଛି। ଏଥିରେ ଅଧିକାରୀ, ଯନ୍ତ୍ରୀ, ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି କହିଥିଲେ। ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର ଦାସ, ଅକ୍ଷୟ ବେହେରା, ଅନିଲ ସାମଲ, କେଦାର ସାମଲ, ରଞ୍ଜନ ପଣ୍ଡା, ଅଶୋକ ସାମଲ ଓ ସମସ୍ତ ଗଣମାଧମ ପ୍ରତିନିଧି ବୈଠକରେ ଉପସ୍ଥିତ ଥିଲେ।

### ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ, ବିଧାୟକଙ୍କୁ ଅଭିନନ୍ଦନ

ଦଶରଥପୁର,୪।୬(ଡି.ଏନ.ଏ.)

୫ମ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିବା ନବୀନ ପଟ୍ଟନାୟକ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଯାଜପୁର ଜିଲା ଗ୍ରାମ ସେବିକା ସେବକ ସଂଘ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି। ସେହିପରି ବିଜେଡିରୁ ୩ୟ ଥର ନିର୍ବାଚିତ ହୋଇଥିବା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ମଧ ସଂଘ ପକ୍ଷରୁ ଅଭିନନ୍ଦନ ଜଣାଇବା ସହ ସ୍ୱାଗତ କରାଯାଇଛି।

### ବାଇକ୍ ଡିକି ଭାଙ୍ଗି ୪୩ ହଜାର ଟଙ୍କା ଲୁଟ୍

ଚଣ୍ଡିଖୋଲ,୪।୬(ଡି.ଏନ.ଏ.)

ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଖଡ଼ିଅଙ୍ଗ ଗ୍ରାମ ଛକ ନିକଟରେ ମଙ୍ଗଳବାର ଦୁର୍ବୃତ୍ତମାନେ ବାଇକ୍ ଡିକି ଭାଙ୍ଗି ୪୩ ହଜାର ଟଙ୍କା ଲୁଟ୍ କରିଛନ୍ତି। ଏହି ଗ୍ରାମର ପ୍ରଶାନ୍ତ ମହାପାତ୍ର ମଙ୍ଗଳବାର ଅପରାହ୍ନରେ ବାଲିଚନ୍ଦ୍ରପୁର ଷ୍ଟେଟ୍ ବ୍ୟାଙ୍କରୁ ୪୩ ହଜାର ଟଙ୍କା ଉଠାଇ ଘରକୁ ଯାଉଥିଲେ। ଗାଁରେ ପହଞ୍ଚିବା ପରେ ଖଡ଼ିଅଙ୍ଗ ସ୍କୁଲ ପାଖରେ ବାଇକ୍ ରଖି ନିର୍ମାଣ ହେଉଥିବା ଏକ ଘର ଦେଖିବାକୁ ଯାଇଥିଲେ। ସେଠାରୁ ଫେରିଆସି ଦେଖିବାବେଳକୁ ଦୁର୍ବୃତ୍ତମାନେ ଡିକି ଭାଙ୍ଗି ଟଙ୍କା ନେଇଯାଇଛନ୍ତି। ଏ ନେଇ ପ୍ରଶାନ୍ତ ସନ୍ଧ୍ୟାରେ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି।

#### ବିଦ୍ୟୁତ୍ ବିଭାଗ ପକ୍ଷରୁ ୧୪୪ ଧାରା ଉଲ୍ଲଂଘନ

### କୋର୍ଟର ଦ୍ୱାରସ୍ଥ ହେଲେ ଜାଗା ମାଲିକ



କୋରେଇ,୪।୬(ସ୍ୱ.ପ୍ର.)

ବିଦ୍ୟୁତ୍ ବିଭାଗ ପକ୍ଷରୁ ବ୍ୟକ୍ତିଗତ ଜାଗାରେ ୧୧ କେଭି ଖୁଣ୍ଟ ପୋତାକୁ ନେଇ ଜାଗା ମାଲିକ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ପକ୍ଷରୁ ୧୪୪ ଧାରା ଜାରି ପରେ ବିଦ୍ୟୁତ୍ ବିଭାଗ ଏହାକୁ ଉଲ୍ଲଂଘନ କରିବାରୁ ପୁନର୍ବାର ଜାଗା ମାଲିକ ମଙ୍ଗଳବାର କୋର୍ଟର ଆଶ୍ରୟ ନେଇଛନ୍ତି। ପ୍ରକାଶ ଯେ, ପାଣିକୋଇଲି ଥାନା ଅନ୍ତର୍ଗତ ଗୋଡ଼ିପାଟଣା ଗ୍ରାମର ରଘୁନାଥ ସାହୁଙ୍କ ବ୍ୟକ୍ତିଗତ ଜାଗା (ମୌଜା ଖମଣ, ଖାତା ୪୭୬, ପ୍ଲଟ ନଂ. ୫୪୭,୫୪୫)ରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ୧୧ କେଭି ଖୁଣ୍ଟ ପୋତାଯାଇଛି। ରଘୁନାଥ ଏହାକୁ ବାରମ୍ବାର ବିରୋଧ କରିଥିଲେ ମଧ ବିଦ୍ୟୁତ୍ ବିଭାଗ କର୍ଣ୍ଣପାତ ନ କରିବାରୁ ସେ ପୂର୍ବରୁ କୋର୍ଟର ଆଶ୍ରୟ ନେଇଥିଲେ। କୋର୍ଟର ନିର୍ଦ୍ଦେଶକ୍ରମେ ପୋଲିସ ଏହାର ତଦନ୍ତ କରିବା ସହ ୧୪୪ ଧାରା ଜାରି କରିଥିଲା। ହେଲେ ସରକାରୀ ଜାଗା ଥାଇ ମଧ ୧୪୪ ଧାରାକୁ ଉଲ୍ଲଂଘନ କରି ବିଦ୍ୟୁତ୍ ବିଭାଗ ପକ୍ଷରୁ ପୁନର୍ବାର ଖୁଣ୍ଟ ପୋତାଯାଇଥିଲା। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଓ ଏସ୍‌ଡିଓଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ଫୋନ୍ ଉଠାଇ ନ ଥିଲେ।

# ଶୀତଳ ଭଣ୍ଡାର ନିର୍ମାଣ ପାଇଁ ବଢୁଛି ଦାବି

ବରୀ,୪।୬(ସ୍ୱ.ପ୍ର.)

**ବରୀ ନିର୍ବାଚନମଣ୍ଡଳୀ**

- ଚାଷ ଉପରେ ନିର୍ଭରଶୀଳ ୮୦ ଭାଗ ଲୋକ
- ରହିଛି ୮ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଚାଷଜମି
- ୫ ହଜାର ହେକ୍ଟର ଜମିରେ ହେଉଛି ପନିପରିବା ଚାଷ

ବରୀ ନିର୍ବାଚନମଣ୍ଡଳୀ ୪୭ ପଞ୍ଚାୟତକୁ ନେଇ ଗଠିତ। ଏଠାରେ ୨ ଲକ୍ଷରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିଲାବେଳେ ୮୦ ଭାଗ କୃଷି ଉପରେ ନିର୍ଭର କରି ଜୀବନଜୀବିକା ନିର୍ବାହ କରିଥାନ୍ତି। କୃଷି ଉତ୍ପାଦିତ ଦ୍ରବ୍ୟକୁ ବ୍ରିକିକରି ନିଜର ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିବାରେ ଏହି ନିର୍ବାଚନମଣ୍ଡଳୀର କୃଷକ ସିଦ୍ଧ ହସ୍ତ ବୋଲି ସରକାରୀଭାବେ ରେକର୍ଡ ରହିଛି। ଏଠାରେ ଚାଷ ଓ ଚାଷୀର ଭାଗ୍ୟକୁ ବଦଳାଇବା ପାଇଁ ଶୀତଳ ଭଣ୍ଡାର ଖୋଲିବା ଜରୁରୀ ବୋଲି ଶତାଧିକ କୃଷକ ରାଜ୍ୟ ସରକାର, କୃଷି ମନ୍ତ୍ରୀ, ଜିଲା ପ୍ରଶାସନ ନିକଟରେ ଦାବି କରିଆସୁଛନ୍ତି। ଏହି ଅଞ୍ଚଳରେ ୮ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଚାଷଜମି ରହିଥିଲାବେଳେ ୫ ହଜାର ହେକ୍ଟର ଜମିରେ ପନିପରିବା ଚାଷ ହେଉଥିବା କୃଷି ବିଭାଗ ପକ୍ଷରୁ ଜଣାପଡ଼ିଛି। ବିଶେଷକରି ପୋଟଳ, ଟମାଟୋ, କାକୁଡ଼ି, କୋବି, ଆଳୁ, ଝୁଡ଼ଙ୍ଗ, ବିନ୍ ଆଦି ବିଭିନ୍ନ ରବି ଜାତୀୟ ଶସ୍ୟ ଉତ୍ପାଦିତ ହୋଇଥାଏ। ଏ ସବୁର ସଦୁପଯୋଗ ପାଇଁ ଶୀତଳଭଣ୍ଡାରର ଆବଶ୍ୟକତା ରହିଛି। ଶୀତଳଭଣ୍ଡାର ନ ଥିବାରୁ ଚାଷୀ ଏସବୁ ଶସ୍ୟ ଉତ୍ପାଦିତ କରୁଥିଲାବେଳେ ସଠିକ୍ ମୂଲ୍ୟ ପାଇପାରୁନାହାନ୍ତି। ଯାହାଫଳରେ ଚାଷୀ ବହୁ କ୍ଷତି ସହିବାକୁ ପଡୁଛି। ଏହି ଅଞ୍ଚଳର ମୃତ୍ତିକା ଅନୁକୂଳ ଓ ଉର୍ବର ହୋଇଥିବାରୁ ବିଶେଷକରି କୋବି, ଟମୋଟା, ଆଳୁ ବାର୍ଷିକ ୧୦ ଟନ୍ ଉତ୍ପାଦିତ ହେଉଛି। ଏସବୁକୁ ସୁରକ୍ଷିତ ରଖିବା ପାଇଁ କୌଣସି ସୁବିଧା ନାହିଁ। ଚାଷୀ ବାଧ ହୋଇ ଉଚିତ ମୂଲ୍ୟରେ ବିକ୍ରି ନ କରି କ୍ଷତି ସହୁଛନ୍ତି। ଫନୀରେ ଲକ୍ଷାଧିକ ଟଙ୍କାର ପନିପରିବା ନଷ୍ଟ ହୋଇଥିବା ଜଣାପଡ଼ିଛି। କୃଷି ବିଭାଗ ପକ୍ଷରୁ ଏହି ଅଞ୍ଚଳକୁ ସର୍ଭେ କରାଯାଇ ସରକାରୀଭାବେ ଯଦି ଶୀତଳ ଭଣ୍ଡାର ଖୋଲା ଯାଇପାରନ୍ତା, ଏହି ନିର୍ବାଚନମଣ୍ଡଳୀର ୮୦ଭାଗ ଚାଷୀ ଉପକୃତ ହୋଇପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ନବନିର୍ବାଚିତ ବିଧାୟିକା ସୁନନ୍ଦା ଦାସଙ୍କୁ ପଚାରିବାରୁ, କୃଷି ହେଉଛି ବରୀ ଅଞ୍ଚଳର ଜୀବନଜୀବିକା। ଏଠାରେ ନିଶ୍ଚିତ ଭାବେ ଏକ ଶୀତଳ ଭଣ୍ଡାରର ଆବଶ୍ୟକତା ରହିଛି। ସରକାରୀସ୍ତରରେ ଚେଷ୍ଟା କରି ନିଶ୍ଚୟ ଶୀତଳ ଭଣ୍ଡାର ସ୍ଥାପନ ହେବ ବୋଲି ଦାସ କହିଛନ୍ତି। କୃଷି ଅଧିକାରୀ ଭାଗ୍ୟଧର ସାହୁଙ୍କୁ ପଚାରିବାରୁ, ବରୀରେ ଶୀତଳଭଣ୍ଡାର ନିତାନ୍ତ ଜରୁରୀ। ସରକାର ଚାହିଁଲେ ଏଠାରେ ନିଶ୍ଚୟ ଶୀତଳ ଭଣ୍ଡାର ଖୋଲିପାରିବେ ବୋଲି ସାହୁ କହିଛନ୍ତି।

# ଚୟନ ହୋଇପାରିଲେନି ପ୍ରକୃତି ମିତ୍ର, ପ୍ରକୃତି ବନ୍ଧୁ

**ଆଜି ବିଶ୍ୱ ପରିବେଶ ଦିବସ**

- ପାଳନ ହେବନି ଜିଲ୍ଲାସ୍ତରୀୟ ପରିବେଶ ଦିବସ
- ଫନୀରେ ନଷ୍ଟ ସବୁଜିମା ଭରଣା କରିବାକୁ ଆନ୍ତରିକତା ନାହିଁ

ଜଗତ୍‌ସିଂହପୁର ଅଫିସ,୪।୬

ପ୍ରତିବର୍ଷ ଜୁନ ୫ରେ ପାଳିତ ହେଉଛି ବିଶ୍ୱ ପରିବେଶ ଦିବସ। ଏହି ଦିବସ ପାଳନର ଉଦ୍ଦେଶ୍ୟ ହେଉଛି ପରିବେଶ ସୁରକ୍ଷା ଓ ପ୍ରଦୂଷଣ ରୋକିବା କ୍ଷେତ୍ରରେ ବ୍ୟାପକ ସଚେତନତା ସୃଷ୍ଟି କରିବା। ଏହାକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ଦେଶ ପଦକ୍ଷେପ ନେଉଛନ୍ତି। ଓଡ଼ିଶା ସରକାରଙ୍କ ତରଫରୁ ପ୍ରକୃତି ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କୁ ଯଥାକ୍ରମେ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ଦିଆଯାଉଛି। କିନ୍ତୁ ଦୁଃଖର କଥା ହେଲା ଚଳିତବର୍ଷ ଜଗତ୍‌ସିଂହପୁର ଜିଲ୍ଲାରେ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ଚୟନ ପ୍ରକ୍ରିୟା ଶେଷ ହୋଇପାରିନି। ଏଥିପାଇଁ ଆବେଦନ କରିଥିବା ଏକାଧିକ ସଂସ୍ଥା ଓ ବ୍ୟକ୍ତି ନିରାଶ ହୋଇଛନ୍ତି। ବଡ଼ କଥା ହେଲା ବୁଧବାର ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ହେବ ନାହିଁ। ଏହା ଅନେକ ପ୍ରକୃତିପ୍ରେମୀଙ୍କୁ ଆଘାତ ଦେଇଛି। ଫନୀ ପ୍ରଭାବରେ ବ୍ୟାପକ ସବୁଜିମା ଉଜୁଡ଼ିଯାଇଥିଲେ ମଧ୍ୟ ପୁନର୍ବାର ବୃକ୍ଷରୋପଣ ପାଇଁ ପ୍ରଶାସନିକସ୍ତରରେ କୌଣସି ଆନ୍ତରିକତା ପ୍ରକାଶ ପାଉନାହିଁ। ଏହାକୁ ନେଇ ପରିବେଶିତ୍ ତଥା ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଚଳିତବର୍ଷ ପରିବେଶ ଦିବସର ବାର୍ତ୍ତା ରହିଛି ବାୟୁ ପ୍ରଦୂଷଣ ରୋକିବା (ବିଟ୍ ଏୟାର ପଲ୍ୟୁଶନ୍)। ବିଶ୍ୱବ୍ୟାପୀ ସରକାରୀ, ବେସରକାରୀସ୍ତରରେ ବୁଧବାର ବିଶ୍ୱ ପରିବେଶ ଦିବସ ପାଳନ କରାଯିବ। କିନ୍ତୁ ଜଗତ୍‌ସିଂହପୁର ଜିଲ୍ଲାସ୍ତରୀୟ ପରିବେଶ ଦିବସ କାହିଁକି ପାଳନ କରାଯିବ ନାହିଁ ତା' ଉପରେ କୌଣସି ସନ୍ତୋଷଜନକ ଉତ୍ତର ମିଳିନି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ତଥା ଜିଲା ପରିବେଶ ସମିତି ସମ୍ପାଦକ ସଚ୍ଚିଦାନନ୍ଦ ସାହୁ କହିଛନ୍ତି ଯେ, ବାସ୍ତବରେ ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ କରାଯିବା କଥା ସେ ଜାଣନ୍ତି ନାହିଁ। ତେଣୁ ଏହା ପାଳନର ପ୍ରାସଙ୍ଗିକତା ନାହିଁ। ଅନ୍ୟ ପ୍ରସଙ୍ଗଟି ହେଲା ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ପାଇଁ ଚୟନ ପ୍ରକ୍ରିୟା ନ ସରିବା। ଗତ ମାର୍ଚ୍ଚ ମାସରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କିନ୍ତୁ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇଯିବାରୁ କିଛି କରିହେଲା ନାହିଁ। ଗତ ମାସରେ ନିର୍ବାଚନ ଆଚରଣ ବିଧି ଉଠିଥିଲେ ସୁଦ୍ଧା କମ୍ ସମୟ ମଧ୍ୟରେ ଚୟନ କରିବା ସମ୍ଭବ ହେଲାନି। ତେଣୁ ଅଧିକ ସମୟ ଦିଆଯିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ଏଡିଏମ୍ କହିଛନ୍ତି। କିନ୍ତୁ ବାସ୍ତବ କଥା ହେଲା ଆଚରଣ ବିଧି ଲାଗୁ ପୂର୍ବରୁ ଜିଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଫାଇଲ ଅତିରିକ୍ତ ଜିଲାପାଳଙ୍କ ପାଖକୁ ଯାଇଥିଲା। ଏହି ସମୟ ଭିତରେ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ଚୟନ ପାଇଁ କମିଟି ମଧ୍ୟ ଗଠନ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଆଚରଣ ବିଧି ଲାଗୁ ହୋଇଯିବା କାରଣ ଦର୍ଶାଇ ଅତିରିକ୍ତ ଜିଲାପାଳ କିଛି ନିଷ୍ପତ୍ତି ନେଇ ନ ଥିଲେ। ଗତମାସରେ ନିର୍ବାଚନ ଆଚରଣ ବିଧି ଉଠିଲା ପରେ ମଧ୍ୟ ଏହା ଉପରେ ଗୁରୁତ୍ୱ ଦିଆଯାଇ ନ ଥିଲା। ତେଣୁ ଚୟନ ପ୍ରକ୍ରିୟା ସରିନାହିଁ। ରାଜ୍ୟର ଅନ୍ୟ ଜିଲାଗୁଡ଼ିକରେ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ପାଇଁ ଚୟନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଜଗତ୍‌ସିଂହପୁରରେ କାହିଁକି ହେଲାନି ବୋଲି ଅନେକ ପ୍ରକୃତି ପ୍ରେମୀ ପ୍ରଶ୍ନ କରିଛନ୍ତି।

୧୯୭୪ରୁ ବିଶ୍ୱବ୍ୟାପୀ ପରିବେଶ ଦିବସ ପାଳିତ ହେଉଛି। ଏହି ଦିବସର ଉଦ୍ଦେଶ୍ୟ ହେଉଛି ପରିବେଶ ସୁରକ୍ଷା, ବୃକ୍ଷରୋପଣ, ବନ୍ୟଜନ୍ତୁ ସୁରକ୍ଷା ଉପରେ ଗୁରୁତ୍ୱ ଦେବା। ଜଗତ୍‌ସିଂହପୁର ଜିଲାରେ ୨୦୧୪ ଓ ୨୦୧୫ରେ ଏହି ଦିବସ ପାଳନ କରାଯାଇ ନ ଥିଲା। ୨୦୧୬ରେ ତତ୍କାଳୀନ ଜିଲାପାଳ ଯାମିନୀ ଷଡ଼ଙ୍ଗୀଙ୍କ ଆନ୍ତରିକତା ଯୋଗୁ ଜିଲା ମୁଖ୍ୟାଳୟରେ ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଥିଲା। ୨୦୧୭ରେ କିନ୍ତୁ ପୁଣି ବନ୍ଦ ହୋଇଗଲା। ୨୦୧୮ରେ ପାରାଦୀପ ବେଳାଭୂମିରେ ଏହି ଦିବସ ପାଳନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଜଗତ୍‌ସିଂହପୁର ଜିଲାରେ ଥିବା ଏକାଧିକ ଜଙ୍ଗଲ ଫନୀ ପ୍ରଭାବରେ ପ୍ରଭାବିତ ହେବା ସହ ବନ୍ୟପ୍ରାଣୀ ଅସୁରକ୍ଷିତ ହୋଇପଡ଼ିଛନ୍ତି। ପ୍ରତିବର୍ଷ ଧଳତଙ୍ଗଗଡ଼ ଜଙ୍ଗଲରେ ସୁରକ୍ଷା ଅଭାବରୁ ହରିଣଙ୍କ ମୃତ୍ୟୁ ଘଟୁଛି। ଗଛ ଚୋରା ଚାଲାଣ ଉପରେ ଅଙ୍କୁଶ ଲାଗୁନି। ବିଭାଗୀୟ ଅବହେଳା ଯୋଗୁ ଅନେକ ମୂଲ୍ୟବାନ ଔଷଧୀୟ ବୃକ୍ଷ ଲୋପ ପାଇଗଲାଣି। ତଣ୍ଡା ଜଙ୍ଗଲରୁ ସବୁଜ ଏଣ୍ଡୁଅ ଦେଶ, ବିଦେଶକୁ ଚୋରା ଚାଲାଣ ହେଉଛି। ଏଭଳି ସ୍ଥିତିରେ ଜିଲାରେ ଯେଉଁଭଳି ଭାବରେ ପ୍ରଦୂଷଣ ମାତ୍ରା ବଢ଼ି ଚାଲିଛି ତାହା ଚିନ୍ତାର କାରଣ ହୋଇଛି।

## ସଂକ୍ଷେପରେ

### ୭ ଫୁଟ୍‌ର ରଣା ଉଦ୍ଧାର



**କୁଜଙ୍ଗ,୪।୬(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍ ପଙ୍କପାଳ ପଞ୍ଚାୟତ ଜନାପାଳ(ପଟୁସାହୀ) ଗ୍ରାମରୁ ଏକ ରଣା ସାପ ଉଦ୍ଧାର କରାଯାଇଛି। ପଟୁସାହୀ ଗ୍ରାମର ପୋଖରୀ ପୁନରୁଦ୍ଧାର କରାଯାଉଥିବା ବେଳେ ଗ୍ରାମର ୨ ଜଣ ଯୁବକ ବିନୋଦ ବେହେରା ଓ ଅଭୟ ପାତ୍ର ଏହି ବିଷଧର ସାପକୁ ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ବନ ବିଭାଗର ଠିକା କର୍ମଚାରୀ ଗଗନ ମଲ୍ଲିକ ପହଞ୍ଚି ସାପଟିକୁ ଉଦ୍ଧାର କରି ଏକ ବ୍ୟାଗ୍‌ରେ ଆଣି ଢିଙ୍କିଆ ତଣ୍ଡା ଜଙ୍ଗଲରେ ଛାଡିଦେଇଥିବା ଜଣାପଡିଛି। ସାପଟି ୭ଫୁଟରୁ ଅଧିକ ଲମ୍ବ ହେବ। ଗଗନଙ୍କୁ ପ୍ରଦୀପ ଦାସ, କୁନାଲ ବେହେରା, ତାପସ ଦାଶ, ସନାତନ କୁଅଁର ପ୍ରମୁଖ ସହଯୋଗ କରିଥିଲେ।

### ନାବାଳିକା ଅପହରଣ, ମୁଖ୍ୟ ଅଭିଯୁକ୍ତ ଗିରଫ

**ପାରାଦୀପ,୪।୬(ସ୍ୱ.ପ୍ର.):** ପାରାଦୀପ ଅଭୟଚାନ୍ଦପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ମଙ୍ଗଳବାର ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କୁଜଙ୍ଗ ଥାନା କୋଠିସାହି ଗ୍ରାମର ପ୍ରଭାଂଶୁ ଘଡ଼େଇ। ଏନେଇ କେସ୍ ନଂ.୨୫/୧୯ ରୁଜୁ ହୋଇଛି। ଥାନା ଅଧିକାରୀ ଯୁଗଳ କିଶୋର ଦାଶଙ୍କ ସୂଚନା ଅନୁଯାୟୀ, ଗତ ୧୫ ଦିନ ତଳେ ନାବାଳିକାଙ୍କୁ ୩ଜଣ ଅଧା ରାସ୍ତାରୁ ଉଠାଇ ନେଇଥିଲେ। ନାବାଳିକା ଜଣଙ୍କ ନିଜ ମାମୁଙ୍କ ସହ ଗାଡିରେ ଆସୁଥିବାବେଳେ ଏଭଳି ଘଟଣା ଘଟିଥିଲା। ଏନେଇ ଅଭିଯୋଗ ହେବା ପରେ ପୋଲିସ ସେମାନଙ୍କ ପିଛା କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ୨ ଜଣଙ୍କୁ ଗିରଫ କରିଥିଲା। ମୁଖ୍ୟ ଅଭିଯୁକ୍ତ ପ୍ରଭାଂଶୁ ଫେରାର ଥିଲେ। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯିବ।

### ପାଣି ପଞ୍ଚାୟତ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ବାଲିକୁଦା,୪।୬(ସ୍ୱ.ପ୍ର.):** ବାଲିକୁଦା ଜଳ ସମ୍ପଦ ଉପଖଣ୍ଡ ଓ ଜଗତ୍‌ସିଂହପୁର ସୋଗଲ ସେକ୍ସନ ଅଧୀନରେ ଥିବା କୃଷକ ସଙ୍ଗଠନ (ପାଣି ପଞ୍ଚାୟତ)ର କର୍ମକର୍ତ୍ତାମାନେ ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ତାଙ୍କ ବାଲିକୁଦାସ୍ଥିତ ବାସ ଭବନରେ ଭେଟି ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ପାଣି ପଞ୍ଚାୟତଗୁଡିକ ନିଷ୍ଠାର ସହ କାର୍ଯ୍ୟ କରି କୃଷକ ଓ କୃଷିର ଉନ୍ନତି ନିମନ୍ତେ କାର୍ଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବାଲିକୁଦା ଅଞ୍ଚଳରେ ଥିବା ଜଳ ସେଚନ ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ମା' ଠାକୁରାଣୀ ପାଣି ପଞ୍ଚାୟତ ସଭାପତି ପ୍ରକାଶ ରାୟଙ୍କ ନେତୃତ୍ୱରେ ବେଣୁଧର ଲେଙ୍କା, ଚିତ୍ତରଞ୍ଜନ ମିଶ୍ର, ଅଳକା ପାଣି ପଞ୍ଚାୟତର ନୃସିଂହ ଷଡ଼ଙ୍ଗୀ, ଜ୍ଞାନେନ୍ଦ୍ର ଶତପଥୀ, ବିଜୟ ସେଠୀ, ସିଦ୍ଧ ବାନାମ୍ବର ପାଣି ପଞ୍ଚାୟତର ସଭାପତି ବୀରବର ସାହୁ, ବଟ ମଙ୍ଗଳା ପାଣି ପଞ୍ଚାୟତର ଅମୂଲ୍ୟ ସେନାପତି, ପ୍ରଭାତ ଦାସ, ଭରତ ଦାସ, ନୀଳକଣ୍ଠେଶ୍ୱର ପାଣି ପଞ୍ଚାୟତର ଅକ୍ଷୟ ସାହୁ, ଅକ୍ଷୟ ସ୍ୱାଇଁ, ମାନସ ପରିଡା, ବଳରାମ ପରିଡା, ପ୍ରଦ୍ୟୁମ୍ନ ଦାଶ, ଶିବ ଚରଣ ସ୍ୱାଇଁ ପ୍ରମୁଖ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ନରସିଂହପୁର କୋର୍ଟ ପରିସରରେ ଚାରାରୋପଣ

**ନରସିଂହପୁର,୪।୬(ଡି.ଏନ.ଏ.):** ନରସିଂହପୁର କୋର୍ଟ ପରିସରରେ ପଶ୍ଚିମାଞ୍ଚଳ ବନ ବିଭାଗ ସହଯୋଗରେ ମଙ୍ଗଳବାର ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜୁଡିସିଆଲ ମାଜିଷ୍ଟ୍ରେଟ ମାନସ ରଞ୍ଜନ ସାମନ୍ତରାୟ ଯୋଗ ଦେଇଥିଲେ। ବନ ବିଭାଗ ଅଧିକାରୀ ବିଭୂରଞ୍ଜନ ରାୟ, ବନପାଳ ପ୍ରଶାନ୍ତ ବେହେରା, ବନରକ୍ଷୀ ସଙ୍ଗୀତା ସେଠୀ, ଆଇନଜୀବୀ ତ୍ରିଲୋଚନ ମହାପାତ୍ର, ରବୀନ୍ଦ୍ରନାଥ ସାହୁ, ଓକିଲ ସଂଘ ସମ୍ପାଦକ ବିଭୂଦତ୍ତ ମିଶ୍ର, ଉପସଭାପତି ଗୋଲକ ବିହାରୀ ସାହୁ, ମାନ ବେହେରା, ନରନାରାୟଣ ବାରିକ, ପ୍ରକାଶ ମହାପାତ୍ର ଓ ଜୟନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## କବୟିତ୍ରୀ ବସନ୍ତ ମଞ୍ଜରୀ ଦାସଙ୍କୁ ଆଶାଦେବୀ ସମ୍ମାନ




କବୟିତ୍ରୀ ବସନ୍ତ ମଞ୍ଜରୀ ଦାସଙ୍କୁ ଅତିଥି ଆଶାଦେବୀ ସମ୍ମାନରେ ସମ୍ମାନିତ କରୁଛନ୍ତି।

ତିର୍ତ୍ତୋଲ,୪।୬(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ପଞ୍ଚାୟତର ସାଗବାରିଆସ୍ଥିତ ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ସମ୍ପାଦିକା ତଥା କବୟିତ୍ରୀ ବସନ୍ତ ମଞ୍ଜରୀ ଦାସଙ୍କୁ ଆଶାଦେବୀ ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରଠାରେ ନବକାକଳି ତରଫରୁ ଅନୁଷ୍ଠିତ ଏକ ସାରସ୍ୱତ ସମାରୋହରେ ତାଙ୍କୁ ମୁଖ୍ୟଅତିଥି ସାହିତ୍ୟିକ ଇଂ.ସଞ୍ଜୟ କୁମାର ପଣ୍ଡା ମାନପତ୍ର, ଅଙ୍ଗବସ୍ତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଆଇପିଏସ ଡ.ସତ୍ୟଜିତ ନାୟକ ମୁଖ୍ୟବକ୍ତା, ନବକାକଳିର ସମ୍ପାଦକ ଡା.ସୁରେନ୍ଦ୍ରନାଥ ତ୍ରିପାଠୀ, ଗାଳ୍ପିକ ରବି ସ୍ୱାଇଁ, ଭେଡେନର ବିଡିଓ ମୁରଲୀଧର ନାୟକ, ଅଧକ୍ଷ ଅଶୋକ କୁମାର ପଣ୍ଡା, ଶିଶୁସାହିତ୍ୟକ ପ୍ରଫୁଲ୍ଲ କୁମାର ମହାପାତ୍ର, ଶାଶ୍ୱତ ସେତୁର ସମ୍ପାଦିକା ଆରତୀ ତ୍ରିପାଠୀ, ସଂଗଠକ ନଗେନ୍ଦ୍ରନାଥ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନିମା ଦାସ ଧନ୍ୟବାଦ ଦେଇଥିଲେ।

## ଶ୍ରୀଅରବିନ୍ଦ ଶିକ୍ଷା ସଦନ ଛାତ୍ରୀଛାତ୍ରଙ୍କ ସଫଳତା

କୁଜଙ୍ଗ,୪।୬(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ୍ ତାଳଦଣ୍ଡାଠାରେ ଥିବା ଶ୍ରୀଅରବିନ୍ଦ ଶିକ୍ଷା ସଦନର ଛାତ୍ରୀଛାତ୍ରମାନେ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ବିଶେଷ ସଫଳତା ପାଇଛନ୍ତି। ଏହି ଶିକ୍ଷାନୁଷ୍ଠାନର ମୋଟ ୪୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୨ ଜଣ କୃତୀତ୍ୱର ସହ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରେ ଏ(୨) ୨ ଜଣ, ବି(୧) ୧୨ ଜଣ ପାଇଛନ୍ତି। ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋଲେଖ ଚନ୍ଦ୍ର ସ୍ୱାଇଁ ଗତ ୧ ବର୍ଷ ହେଲା ଚାକିରିରୁ ଅବସର ଗ୍ରହଣ କରିଥିବାବେଳେ ଅନ୍ୟ ଜଣେ ଶିକ୍ଷକ ଅଭୟ କୁମାର ଦାସ ମଧ୍ୟ ଅବସର ଗ୍ରହଣ କରିଛନ୍ତି। ଟିଜି ଶିକ୍ଷକ ମଥୁରାନନ୍ଦ ଦାସଙ୍କ ଅକାଳ ବିୟୋଗ ଘଟିଛି। ସେହିପରି ଶିକ୍ଷକ ପାର୍ଥ ସାରଥୀ ଚୌଧୁରୀ ଅନ୍ୟତ୍ର ଚାକିରି ପାଇଁ ସ୍କୁଲ ଛାଡିଛନ୍ତି। ଏଭଳି ପରିସ୍ଥିତିରେ ମଧ୍ୟ ଅନ୍ୟ ଶିକ୍ଷକମାନଙ୍କ ସହଯୋଗ ଓ ପରାମର୍ଶ କ୍ରମେ ଛାତ୍ରୀଛାତ୍ର ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଭଲ ସଫଳତା ପାଇଛନ୍ତି। ଯଦି ତୁରନ୍ତ ଶିକ୍ଷକ ପଦବୀ ପୂରଣ କରାଯାଆନ୍ତା, ତେବେ ପିଲାମାନେ ଅଧିକ ଫଳ ରେଜଲ୍ଟ କରନ୍ତେ ବୋଲଇ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନ କହିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ କିମ୍ବା ନିକଟସ୍ଥ ପ୍ରତିନିଧିଙ୍କ ସହ ଯୋଗାଯୋଗ କରନ୍ତୁ।

## ରଜ ମହୋତ୍ସବ ପ୍ରସ୍ତୁତି ବୈଠକ

ତିର୍ତ୍ତୋଲ,୪।୬(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ତରଜଙ୍ଗ ପଞ୍ଚାୟତ ବାଲିପାଟଣା ଗ୍ରାମର ବ୍ୟାସଦେବ ମେଲଣ ପଡିଆରେ ଦ୍ୱିତୀୟ ବାର୍ଷିକ ରଜ ମଜୋତ୍ସବ 'ବସୁନ୍ଧରା' ଜୁନ ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଅନୁଷ୍ଠିତ ହେବ। ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ କମିଟି ତରଫରୁ ଅନୁଷ୍ଠିତ ହୋଇଛି। ବ୍ୟାସଦେବ ମେଲଣ କମିଟି ସଭାପତି ବଂଶୀଧର ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ସହ ସାଂସ୍କୃତିକ ସଭା କରାଯିବାକୁ ସ୍ଥିର ହୋଇଥିଲା। କମିଟି ସମ୍ପାଦକ ରବୀନ୍ଦ୍ର ମହାନ୍ତି, କୋଷାଧକ୍ଷ ଗୁରୁ ଚରଣ ଦାସ, ରୋହିଣୀ ପୃଷ୍ଟି, ପ୍ରଫେସର ରବି ପ୍ରସନ୍ନ ସାହୁ, ଜ୍ଞାନରଞ୍ଜନ ଦାସ, ଗଙ୍ଗାଧର ସ୍ୱାଇଁ, ମହେନ୍ଦ୍ର କାୟସ୍ତ, ଅଧାପିକା ରାଜଶ୍ରୀ ସ୍ୱାଇଁ, ବିମଳ ମହାପାତ୍ର, ଶିକ୍ଷକ ମନୋରଞ୍ଜନ ସ୍ୱାଇଁ, ପଦ୍ମନାଭ କୁଣ୍ଡୁଙ୍କ ସମେତ କମିଟିର ବହୁ ସଭ୍ୟ ଏବଂ ଗ୍ରାମବାସୀ ଆଲୋଚନାରେ ସାମିଲ ହୋଇଥିଲେ।

## ମା' କୁତାମଚଣ୍ଡୀ ମନ୍ଦିରର ବାର୍ଷିକ ଉତ୍ସବ



ମା' କୁତାମଚଣ୍ଡୀଙ୍କ ମନ୍ଦିର ପ୍ରତିଷ୍ଠା ଦିବସ ପାଇଁ ହୋଇଥିବା କଳସ ଶୋଭାଯାତ୍ରା।

ନାଉଗାଁ,୪।୬(ସ୍ୱ.ପ୍ର.)

ନାଉଗାଁ ବ୍ଲକ କାନୁନଗୋ ସାହିସ୍ଥିତ ମା' କୁତାମଚଣ୍ଡୀ ମନ୍ଦିରର ନବମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଯଥା ରୀତି ପୂଜାର୍ଚ୍ଚନା କରାଯାଇ କଳସ ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରାରେ ଗ୍ରାମର ସମସ୍ତ ଯୁବକ ଯୋଗ ଦେଇଥିଲେ। ୩ ଦିନ ଧରି ହେବାକୁ ଥିବା ବାର୍ଷିକ ଉତ୍ସବ ଓ ବିଶ୍ୱାଶାନ୍ତି ମହାଯଜ୍ଞ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହେବ। କାର୍ଯ୍ୟକ୍ରମକୁ ଗ୍ରାମବାସୀ ପରିଚାଳନା କରୁଛନ୍ତି।

## ଯୁକ୍ତ ୨ ବିଜ୍ଞାନ ଖାତା ମୂଲ୍ୟାୟନରେ ତ୍ରୁଟି ଅଭିଯୋଗ

ନାଉଗାଁ,୪।୬(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଶିଖର ପଞ୍ଚାୟତ ନଳାଙ୍ଗ ଗ୍ରାମର ସାଗର କୁମାର ସ୍ୱାଇଁ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଖାତା ମୂଲ୍ୟାୟନରେ ତ୍ରୁଟି ହୋଇଥିବା ଅଭିଯୋଗ କରିଛନ୍ତି। ସେ ବିଜେବି କଲେଜରେ ଯୁକ୍ତ ୨ ବିଜ୍ଞାନ ଛାତ୍ର। ଚଳିତବର୍ଷ ପରୀକ୍ଷାରେ ସେ ଓଡ଼ିଆରେ ୯୦, ଇଂଲିଶରେ ୬୪, ଗଣିତରେ ୧୦୦, ରସାୟନ ବିଜ୍ଞାନରେ ୯୯, ପଦାର୍ଥ ବିଜ୍ଞାନରେ ୯୯, ପ୍ରାଣୀ ଓ ଉଦ୍ଭିଦ ବିଜ୍ଞାନରେ ୯୩ ନମ୍ବର ରଖିଥିବାବେଳେ ସର୍ବମୋଟ ୫୪୫ ନମ୍ବର ରଖି ଉତ୍ତିର୍ଣ୍ଣ ହୋଇଛନ୍ତି। ସମସ୍ତ ବିଷୟରେ ସେ ଶତକଡା ୯୦% ନମ୍ବର ରଖିଥିବାବେଳେ ଇଂଲିଶ ଖାତା ମୂଲ୍ୟାୟନକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ଇଂଲିଶରେ ସେ ୮୫ ରୁ ଊର୍ଦ୍ଧ୍ୱ ନମ୍ବର ରଖିବେ ବୋଲି ଆଶା କରିଥିଲେ। କିନ୍ତୁ ୬୪ ନମ୍ବର ଆସିବାରୁ ଖାତା ଦେଖାରେ ତ୍ରୁଟି ଥିବା ଅଭିଯୋଗ କରିଛନ୍ତି। ଇଂଲିଶରେ ଯଦି ସେ ୮୫ ନମ୍ବର ରଖିଥାନ୍ତେ, ତେବେ ରାଜ୍ୟରେ ଟପ୍ପର ହେବାର ସୌଭାଗ୍ୟ ପାଇଥାନ୍ତେ ବୋଲି କହିଛନ୍ତି। ତେଣୁ ଖାତା ମୂଲ୍ୟାଙ୍କନର ଅବିକଳ ନକଲ କପି ଆଣିବା ପାଇଁ ସେ ଆବେଦନ କରିବା ସହ ଉଚ୍ଚଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ

## ବାଲି ଗାଡ଼ି ଜବତ କଲେ ତହସିଲଦାର

ପାରାଦୀପ,୪।୬(ସ୍ୱ.ପ୍ର.)



ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ମଧ୍ୟବର୍ତ୍ତୀ ସୀମା ଭୁତମୁଣ୍ଡାଇ ନିକଟସ୍ଥ ମହାନଦୀରୁ କିଛିଦିନ ହେଲା ବିପୁଳ ପରିମାଣର ବାଲି ଉତ୍ତୋଳନ ଚାଲିଥିଲା। ଦୁଇ ଜିଲାର ସୀମା ମଝିରେ ଏଭଳି କାମ ଚାଲିଥିବାରୁ ଉଭୟ ଜିଲା ପ୍ରଶାସନ ଏହା ତାଙ୍କ ସୀମାରେ ଯାଉନାହିଁ ବୋଲି କହି ଏଡାଇ ଯାଉଥିଲେ। ତେବେ ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ମଙ୍ଗଳବାର କୁଜଙ୍ଗ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ବାଲି ଉତ୍ତୋଳନ କରୁଥିବା ମେଶିନ ଓ ପରିବହନ କରୁଥିବା ହାଇୱା ଜବତ କରିଛନ୍ତି। ଉକ୍ତ ଗାଡିକୁ ଲକ୍ ଥାନା ପୋଲିସ ଜିମା ଦିଆଯାଇଛି। ଉକ୍ତ ସ୍ଥାନରେ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିଲା ବୋଲି ପଣ୍ଡା କହିଛନ୍ତି। ବର୍ତ୍ତମାନ ମହାନଦୀରେ ଅଳ୍ପ ପାଣି ଅଛି। ନଦୀ ଭିତରେ ପଶି ୨ଟି ମେଶିନରେ ବାଲି ଖୋଳାଯାଇ ଗୋଟିଏ ସ୍ଥାନରେ ଗଚ୍ଛିତ ରଖାଯାଉଥିଲା। ପରେ ସେହି ବାଲିକୁ ୧୦ରୁ ୧୫ ହାଇୱାରେ କେନ୍ଦ୍ରାପଡ଼ା ସୀମାକୁ ପରିବହନ କରାଯାଉଥିଲା। ଭୁତମୁଣ୍ଡାଇ ମହାନଦୀ ପୋଲ ତଳେ ସ୍ପଷ୍ଟ ଦିବାଲୋକରେ ଏଭଳି ଚାଲିଥିଲା। ଉକ୍ତ ସ୍ଥାନ ମହାକାଳପଡ଼ା ଓ କୁଜଙ୍ଗ ତହସିଲ ମଝି ଅଂଶ ବୋଲି ପଣ୍ଡା କହିଛନ୍ତି।

## ଅନ୍ତର୍ଜାତୀୟ ରେଳ ଫାଟକ ସଚେତନତା ଦିବସ

ବାଲିଆ,୪।୬

ପୂର୍ବତଟ ରେଲୱେ ପକ୍ଷରୁ ମଙ୍ଗଳବାର ଅନ୍ତର୍ଜାତୀୟ ରେଳ ଫାଟକ ସଚେତନତା ଦିବସ ପାଳିତ ହୋଇଛି। ଏହି ଅବସରରେ ଭୁବନେଶ୍ୱରସ୍ଥିତ ହେଡକ୍ୱାର୍ଟରର ଡେପୁଟି ଚିଫ୍ ସିକ୍ୟୁରିଟି ଅଫିସର ଜେ.ଭି. ଆପାରା ଏବଂ ସେଫଟି କାଉନସିଲର ଶୁକାନ୍ତ ବଳିଆରସିଂହ ଜଗତ୍‌ସିଂହପୁର ଜିଲା ବିରିଡ଼ି ବ୍ଲକର ସୋମପୁର, ବଡ଼ଖଣ୍ଡାଇତା, ନାନପୁର, କଣ୍ଟିଆ ପାଖରେ ଥିବା ରେଳ ଫାଟକ ନିକଟରେ ପହଞ୍ଚି ଉପସ୍ଥିତ ଲୋକଙ୍କୁ ସଚେତନ କରାଇଥିଲେ। ରେଳ ଫାଟକ ପାରିହେବା ପାଇଁ ଥିବା ୫ଟି ସୋପାନ ତଥା ରେଳ ଧାରଣା ପାରିହେବା ସମୟରେ ଉଭୟ ପାର୍ଶ୍ୱକୁ ଦେଖିବା, ରେଳ ଆସୁଥିବା ଶବ୍ଦ ପାଇଲେ ରେଳ ଧାରଣା ପାର ନ ହେବା, ରେଳ ଧାରଣା ଉପରେ କେବେ ବି ନ ଚାଲିବା, ସଙ୍କେତ ଦେଖିବା ଓ ଟ୍ରେନ୍ ନ ଆସିବା ସମୟରେ ପାର ହେବାକୁ କୁହାଯାଇଥିଲା। ରେଳ ଧାରଣା ପାରିହେବା ସମୟରେ କାନରେ ଇୟର ଫୋନ୍ ନ ଲଗାଇବାକୁ ମଧ୍ୟ ଦୁଇ ଅଧିକାରୀ ପରାମର୍ଶ ଦେଇଥିଲେ।

## ଆଲୋଚନା ହେଉଛି, ପ୍ରତିକାର ଶୂନ

ପାରାଦୀପ,୪।୬(ସ୍ୱ.ପ୍ର.)



ଗଛ କାଟି ନିଆଯିବା ପରେ ଖାଲି ପଡ଼ିଥିବା କେନାଲ ବନ୍ଧ।

- ଚଳିତ ବର୍ଷର ବାର୍ତ୍ତା ବାୟୁ ପ୍ରଦୂଷଣ ନିୟନ୍ତ୍ରଣ
- ଶିଳ୍ପ ମୋହରେ ଉଜୁଡୁଛି ସବୁଜ ବଳୟ

ପରିବେଶ ସୁରକ୍ଷା ଓ ସମଗ୍ର ବିଶ୍ୱରେ କ୍ରମବର୍ଦ୍ଧିଷ୍ଣୁ ପ୍ରଦୂଷଣ ରୋକିବା ସହ ସଚେତନତା ସୃଷ୍ଟି କରିବା ନିମନ୍ତେ ପ୍ରତିବର୍ଷ ଜୁନ୍ ୫ରେ ପାଳିତ ହେଉଛି ବିଶ୍ୱ ପରିବେଶ ଦିବସ। ଏହି ଦିବସ ଉପଲକ୍ଷେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଅନେକ କାର୍ଯ୍ୟକ୍ରମ ହୋଇଥାଏ। ତେବେ କେବଳ ଆଲୋଚନା ଓ ବିଚାର ବିମର୍ଷରେ ସମସ୍ତ କାର୍ଯ୍ୟ ଚାଲିଥିବାବେଳେ ପରିବେଶ ସୁରକ୍ଷା ନିମନ୍ତେ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉ ନ ଥିବା ଦେଖିବାକୁ ମିଳୁଛି।

ଚଳିତବର୍ଷ ବିଶ୍ୱ ପରିବେଶ ଦିବସର ବାର୍ତ୍ତା ରହିଛି ବାୟୁ ପ୍ରଦୂଷଣ ନିୟନ୍ତ୍ରଣ କରିବା। ଅର୍ଥାତ ବାୟୁ ପ୍ରଦୂଷଣ କିପରି ରୋକାଯାଇପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଏହାର ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ। ଶିଳ୍ପାନୁଷ୍ଠାନ ଯୋଗୁ ହେଉଥିବା ବାୟୁ ପ୍ରଦୂଷଣ ରୋକିବା, ଗାଡ଼ିମୋଟର ଚଳାଚଳରେ ଅଙ୍କୁଶ ଲଗାଇବା ଓ ପ୍ଲାଷ୍ଟିକ ଆବର୍ଜନା ନିୟନ୍ତ୍ରଣ କରିବା ପ୍ରମୁଖ ଲକ୍ଷ୍ୟ ହେବ ବୋଲି କୁହାଯାଉଛି। ତେବେ ବାୟୁ ପ୍ରଦୂଷଣ ରୋକିବାର ମୁଖ୍ୟ ଅସ୍ତ୍ର ସବୁଜ ବଳୟ ସୃଷ୍ଟି ଉପରେ ସରକାରୀସ୍ତରରେ ଯେଉଁଭଳି ଉଦ୍ୟମ କରାଯିବା କଥା ତାହା ହେଉନାହିଁ। ଯାହା କିଛି ଗଛ ଅଛି, ସେସବୁ ଅଧିକ ଶିଳ୍ପାୟନ ଓ ରାସ୍ତା ସମ୍ପ୍ରସାରଣ ପାଇଁ କଟାଚାଲିଛି। ଓଡ଼ିଶା ଉପକୂଳରେ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଗଛ ନଷ୍ଟ ହେଉଛି। ୧୯୯୯ ମହାବାତ୍ୟା ଓ ଚଳିତବର୍ଷ ହୋଇଥିବା ଫନୀ ବାତ୍ୟାରେ ଲକ୍ଷାଧିକ ଗଛ ଉପୁଡ଼ିଛି। ସେହି ଗଛ ଭରଣା କରିବା ପାଇଁ ଅନ୍ୟୁନ ୧୫ରୁ ୨୦ ବର୍ଷ ଲାଗିବ। ଏତେ ଗଛ ନଷ୍ଟ ହେବା ପରେ ମଧ୍ୟ ଶିଳ୍ପ ସମ୍ପ୍ରସାରଣ ଚାଲିଛି ଓ କାଠ ମାଫିଆ ଦୌରାତ୍ମ୍ୟ ବଢ଼ିଛି। ପାରାଦୀପ ଭୁତମୁଣ୍ଡାଇ ନିକଟ ଫୁଲବେଲାରୀ ଗ୍ରାମ ସଂଲଗ୍ନ ମହାନଦୀ ଆଡ଼ିବନ୍ଧରେ ଥିବା ବଡ଼ ବଡ଼ ଗଛଗୁଡ଼ିକୁ କେତେଜଣ ମୁଷ୍ଟିମେୟ ଲୋକ ସପ୍ତାହେ ହେଲା କାଟି ଚାଲିଛନ୍ତି। ଏହାବାଦ୍ ମହାନଦୀ ମୁହାଣ ସଂଲଗ୍ନ କାଉଡ଼ିଆ ନଦୀ କୂଳରେ ଥିବା ହେନ୍ତାଳ ବଣକୁ କାଟି ମାଟିରେ ପୋତାଯାଉଛି। ଏକାଧିକ ସଙ୍ଗଠନ ଓ ବ୍ୟକ୍ତି ଲିଖିତ ଭାବେ କୁଜଙ୍ଗ ବନ ବିଭାଗ ପାଖରେ ଅଭିଯୋଗ କରିବା ସତ୍ତ୍ୱେ ଗଛକଟା ରୋକାଯାଇପାରୁନି। ଏ ସମ୍ପର୍କରେ କୁଜଙ୍ଗ ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି ଯେ, ଆମ କର୍ମଚାରୀମାନେ ମାଙ୍କଡ଼ ଘଉଡାଇବା କାମରେ ଲାଗିଥିବାରୁ ସେଥିପ୍ରତି ଧ୍ୟାନ ଦେଉନାହାନ୍ତି।

ବାୟୁ ପ୍ରଦୂଷଣର ଅନ୍ୟ ପ୍ରମୁଖ କାରଣ ହେଲା ପଣ୍ୟ କାରବାର। ଟ୍ରକ୍, ଟ୍ରେନ୍ ଓ ଜାହଜରେ ବାର୍ଷିକ ୧୨୦ ମିଲିୟନ ଟନ୍ ପଣ୍ୟ କାରବାର ହେଉଛି। ପଣ୍ୟ ଧୂଳି ଓ ଗାଡ଼ି ଧୂଆଁ ମିଶି ପାରାଦୀପ ଅଞ୍ଚଳରେ ଏକ ପ୍ରକାର କଳା ଆସ୍ତରଣ ସୃଷ୍ଟି କରୁଛି। ଏଥିସହ ୧୫ଟି ବୃହତ ଶିଳ୍ପର ଧୂଆଁ ଓ ରାସାୟନିକ ପଦାର୍ଥ ସେଥିରେ ମିଶୁଛି। ଏମିତି ବିବିଧ ବାୟୁ ପ୍ରଦୂଷଣକୁ ନେଇ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଚିନ୍ତା ପ୍ରକଟ କଲାଣି। ରାଜ୍ୟରେ ଯେଉଁ ୪ଟି ସର୍ବାଧିକ ପ୍ରଦୂଷଣ ସ୍ଥାନ ଚିହ୍ନଟ କରାଯାଇଛି, ସେଥିରେ ପାରାଦୀପ ଅଛି। ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ପାରାଦୀପରେ ୨୦୧୪ ନଭେମ୍ବର ମାସରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏକ କାର୍ଯ୍ୟାଳୟ ଚାଲିଛି। ଏହା ସତ୍ତ୍ୱେ ବାୟୁ ପ୍ରଦୂଷଣ ବଢିଚାଲିଛି। ଏ ବିଷୟରେ ବୋର୍ଡର ଆଞ୍ଚଳିକ ଅଧିକାରୀ ରମେଶ ଚନ୍ଦ୍ର ଏକ୍କା କହିଛନ୍ତି ଯେ, ପ୍ରତ୍ୟେକ ଶିଳ୍ପ ସଂସ୍ଥାର ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ଏୟାର ଆମ୍ବିଏଣ୍ଟ ଅନ୍‌ଲାଇନ୍ ମନିଟରିଂ ସିଷ୍ଟମ ଲଗାଯାଇଛି। ପଣ୍ୟ ପରିବହନ ବେଳେ ପାଲ ଘୋଡ଼ାଇବାକୁ ସମସ୍ତ ଶିଳ୍ପ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଶିଳ୍ପ ଅଛି ମାନେ ପ୍ରଦୂଷଣ ହେବ। କିନ୍ତୁ ତାହାକୁ ନିୟନ୍ତ୍ରଣ ପାଇଁ ଚେଷ୍ଟା ଚାଲିଛି।



ସବୁ ସମସ୍ୟାର ମୂଳ କାରଣ ହେଉଛି, ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ



## ସଂକ୍ଷେପରେ

### ରଣପୁରରୁ ନିଖୋଜ ନାବାଳିକା ଅହମ୍ମଦାବାଦରୁ ଉଦ୍ଧାର

ରଣପୁର, ୪।୬ (ସ୍ୱ.ପ୍ର.): ଗତ କିଛି ଦିନ ତଳେ ରଣପୁର ଅଞ୍ଚଳରୁ ନିଖୋଜ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଗୁଜରାଟର ଅହମ୍ମଦାବାଦରୁ ଉଦ୍ଧାର କରିଛି। ତାଙ୍କୁ ମଙ୍ଗଳବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ନାବଳିକା ଜଣଙ୍କ କେଉଁ ଅବସ୍ଥାରେ ଅହମ୍ମଦାବାଦ ଗଲେ ତାହାର ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ନୟାଗଡ ଜିଲା ରଣପୁର ଥାନା ଅଞ୍ଚଳର ଜଣେ ନାବାଳିକା ନିଖୋଜ ହେବା ନେଇ ତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୦୩/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ନାବାଳିକା ଜଣଙ୍କ ଭୁବନେଶ୍ୱରରୁ ଟ୍ରେନ୍ ଯୋଗେ ଅହମ୍ମଦାବାଦ ପଳାଇଥିଲେ। ସେଠାକାର ପୋଲିସ ତାଙ୍କୁ ଉଦ୍ଧାର କରି ଅହମ୍ମଦାବାଦ ଚାଇଲ୍ଡ ହେଲ୍ପ ଲାଇନିକୁ ପ୍ରଦାନ କରି ଏ ସଂକ୍ରାନ୍ତରେ ରଣପୁର ଥାନାକୁ ଜଣାଇଥିଲା। ଖବରପାଇ ରଣପୁର ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ସବ୍‌ଇନ୍ସପେକ୍ଟର ପ୍ରୀତିପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ୩ଜଣିଆ ଟିମ୍ ଅହମ୍ମଦାବାଦ ଯାଇ ସେଠାରୁ ନାବାଳିକାଙ୍କୁ ଉଦ୍ଧାର କରି ସୋମବାର ରଣପୁର ଥାନାକୁ ଆଣିଥିଲେ। ନାବାଳିକାଙ୍କ ଡାକ୍ତରୀ ମାଇନା କ୍ୱାରାଯିବା ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି କର୍ମଚାରୀ ଗୁରୁତର

ଖଣ୍ଡପଡା,୪।୬(ସ୍ୱ.ପ୍ର.): ଖଣ୍ଡପଡା ବ୍ଲକ ଅନ୍ତର୍ଗତ ରାଣୀଛେଲ୍ଲୀ ପଞ୍ଚାୟତର ଖଲି ଅପସରା ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ସଜାଡୁଥିବାବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବିଦ୍ୟୁତ(ସେସୁ)ବିଭାଗର ଜଣେ ଅସ୍ଥାୟୀ କର୍ମଚାରୀ ଗୁରୁତର ହୋଇଛନ୍ତି। ସେ ହେଲେ ବୈଦ୍ୟନାଥ ଜେନା। ତାଙ୍କୁ ଆଶୁ ଚିକିତ୍ସା ନିମନ୍ତେ ପ୍ରଥମେ ଭାପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହାସପାତାଳକୁ ସ୍ଥାନାନ୍ତର କରାଯାଇଛି। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗ ଜନକ ଥିବା ପରିବାର ସୂତ୍ରରୁ ପ୍ରକାଶ। ଗୁରୁତର ଜେନାଙ୍କ ଘର ଭାପୁର ବ୍ଲକ ଅନ୍ତର୍ଗତ ଧାନଚେଙ୍ଗଡା ଗ୍ରାମରେ । ତାଙ୍କ ଚିକିତ୍ସା ଖର୍ଚ୍ଚ ବିଭାଗ ପକ୍ଷରୁ ବହନ କରାଯିବାକୁ ଗ୍ରାମବାସୀ ସେସୁ ଉଚ୍ଚକର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି।

### ଶିବ ବିବାହ ଉତ୍ସବ ପାଇଁ ପ୍ରସ୍ତୁତି

ବୋଲଗଡ଼,୪।୬(ଡି.ଏନ୍.ଏ.): ଶୀତଳ ଷଷ୍ଠୀ ତିଥିରେ ଶିବ ବିବାହ ଉତ୍ସବ ପାଇଁ ମଙ୍ଗଳବାର ବୋଲଗଡ଼ ବ୍ଲକ ଅଞ୍ଚଳର ବିଭିନ୍ନ ଶିବାଳୟଗୁଡିକରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସାଲତରାସ୍ଥିତ ବାଲୁଙ୍କେଶ୍ୱରଦେବଙ୍କ ବିବାହ ଉତ୍ସବ ମହାଆଡମ୍ବରେ ଅନୁଷ୍ଠିତ ହେବା ନିମନ୍ତେ ପ୍ରତିବର୍ଷ ଭଳି ମନ୍ଦିର କମିଟି ତଥା ଗ୍ରାମବାସୀଙ୍କ ପକ୍ଷରୁ ନିମନ୍ତ୍ରଣ ପତ୍ର ବଣ୍ଟନ ଆରମ୍ଭ ହୋଇଯାଇଛି। ସେହିପରି ସାଗରଗାଁ, କାଉଁରୀପାଟଣା ଓ ବଡ଼କୁମାରୀସ୍ଥିତ ନୀଳକଣ୍ଠେଶ୍ୱରଦେବଙ୍କ ବିବାହ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବାଙ୍କୋଇସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀତାରେଶ୍ୱରଦେବଙ୍କ ପୀଠ ସମେତ ବ୍ଲକ ଅଞ୍ଚଳର ବିଭିନ୍ନ ଶିବାଳୟଗୁଡିକରେ ଶିବ ବିବାହ ପାଇଁ ବେଶ୍ ଉତ୍ସାହର ସହ ଆୟୋଜକ ଓ ଶ୍ରଦ୍ଧାଳୁମାନେ ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି।

### ଡାକଘର ସ୍ଥାନାନ୍ତର ସତ୍ତ୍ୱେ ଅବ୍ୟବସ୍ଥା

ଟାଙ୍ଗୀ(ଖୋର୍ଦ୍ଧା),୪।୬(ଡି.ଏନ୍.ଏ): ଭୂଷଣ୍ଡପୁର ରେଳଷ୍ଟେଶନ ନିକଟସ୍ଥ ସାନରାଉତପଡ଼ା ପଞ୍ଚାୟତସ୍ଥ ସିଙ୍ଗିପୁରଠାରେ ଦୀର୍ଘବର୍ଷ ଧରି ଡାକ କାର୍ଯ୍ୟାଳୟଟି କାର୍ଯ୍ୟକ୍ଷମ ରହିଥିଲା। ତେବେ ଏଠାରେ ଇଣ୍ଟର୍‌ନେଟ୍ ସମସ୍ୟା ନେଇ ଜନସାଧାରଣ ବାରମ୍ବାର ଅଭିଯୋଗ କରିଆସୁଥିଲେ। ଏଥିଯୋଗୁ ଉପଭୋକ୍ତାମାନେ ବିଭିନ୍ନ ପ୍ରକାର ଡାକସେବା ପାଇବାରୁ ବଞ୍ଚିତ ହେଉଥିଲେ। ତେଣୁ ଗ୍ରାହକ ଯେପରି ସୁବିଧାରେ ଡାକସେବା ପାଇପାରିବେ ସେଥିନିମନ୍ତେ ଏହି ଡାକଘରକୁ ୧ କି.ମି.ଦୂର କନ୍ତଲବାଇ ପଞ୍ଚାୟତକୁ ସ୍ଥାନାନ୍ତର କରାଗଲା। ତେବେ ସେଠାରେ ମଧ୍ୟ ଅବ୍ୟବସ୍ଥା ଦେଖାଦେଇଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କାରଣ ସ୍ଥାନାନ୍ତର ସତ୍ତ୍ୱେ ନେଟ୍ ସମସ୍ୟା ଲାଗି ରହିଛି। ଡାକ କାର୍ଯ୍ୟାଳୟରେ ଇଣ୍ଟରନେଟ୍ ସୁଗମ ନିମନ୍ତେ ସ୍ୱତନ୍ତ୍ର ଆଣ୍ଟିନା ବ୍ୟବହାର କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ଆଜି ବିଶ୍ୱ ପରିବେଶ ଦିବସ

# ପରିବେଶ ସୁରକ୍ଷାରେ ବ୍ରତୀ

**ରଞ୍ଜନ କୁମାର ପ୍ରଧାନ**
**ନୟାଗଡ଼ ଅଫିସ,୪।୬**

ବୃକ୍ଷ ହିଁ ଜୀବନ। ଲୋକମାନଙ୍କୁ ଏ ବିଷୟରେ ସଚେତନ କରିବା ପାଇଁ ବେସରକାରୀ ସଂସ୍ଥାଠାରୁ ଆରମ୍ଭ କରି ସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏହାଛଡା ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଉଛି। ହେଲେ ଏହାର ପ୍ରଭାବ କେବଳ ସେହି ଦିନକୁ ବାଦ୍‌ଦେଲେ ଅନ୍ୟ ଦିନରେ ଦେଖିବାକୁ ମିଳୁନି। ଅନ୍ୟ ଦିନଗୁଡିକରେ ଯେପରି ଆମେ ପରିବେଶ କଥା ଭୁଲିଯାଉଛୁ। କିନ୍ତୁ ନୟାଗଡ଼ ଜିଲାର ଏଭଳି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ କେବଳ ନିର୍ଦ୍ଦିଷ୍ଟ ଦିବସ ନୁହେଁ, ଅନ୍ୟ ସମସ୍ତ ଦିନରେ ପରିବେଶ ପାଇଁ କାର୍ଯ୍ୟକରି ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ଏହିଭଳି କେତେଜଣ ବ୍ୟକ୍ତିବିଶେଷ (ପରିବେଶବିତ୍)ଙ୍କ କାର୍ଯ୍ୟଧାରାକୁ ନେଇ ଉପସ୍ଥାପନା।

### ଗଛସାର୍ ଅନ୍ତର୍ଯାମୀ ସାହୁ

ପରିବେଶ ଓ ଗଛ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଦେଇଛନ୍ତି ଏହି ବ୍ୟକ୍ତି ଜଣକ। ସତେ ଯେମିତି ଗଛ ହିଁ ପାଲଟିଛି ତାଙ୍କ ଜୀବନ। ସେ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ କୃଷ୍ଣସାର ଗ୍ରାମର ଅନ୍ତର୍ଯାମୀ ସାହୁ। ଗଛ ସାର୍ ଭାବେ ସେ ଅଞ୍ଚଳରେ ପରିଚିତ। ଗଛ ଲଗାଇ ତାହାକୁ କିପରି ସୁରକ୍ଷିତ ଭାବେ ବଡ଼ କରାଯାଇପାରିବ ସେଥିପାଇଁ ତାଙ୍କର ଚିନ୍ତା। ଗଛକୁ ବଞ୍ଚାଇବା ପାଇଁ ଦିନରାତି ଏକ କରିଦିଅନ୍ତି। ଗଛ ସହିତ ଏହାର ଫୁଲ ଫଳ କିପରି ପ୍ରାଣୀ ଓ ଜୀବ ଜଗତର ଉପକାରରେ ଆସିବ ସେଥିପାଇଁ ସେ କାର୍ଯ୍ୟ କରନ୍ତି। ଆଗାମୀ ପିଢ଼ି କିପରି ଏ ବିଷୟରେ ସଚେତନ ହେବେ ସେଥିପାଇଁ ସେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଗ୍ରାମ ରାସ୍ତା କଡ଼ରେ ଖାଲି ଥିବା ଜାଗାରେ ଯୁବଗୋଷ୍ଠୀ ଓ ଗ୍ରାମ ପଞ୍ଚାୟତ ପକ୍ଷରୁ ଗଛ ଲଗାଯିବା ଉଚିତ ବୋଲି ସେ ପ୍ରକାଶ କରିଛନ୍ତି। ସରକାରୀ ବ୍ୟବସ୍ଥାକୁ ଅପେକ୍ଷା ନ କରି ସାମାଜିକ କର୍ତ୍ତବ୍ୟ ଭାବି ଗଛପ୍ରେମୀ ହୁଅନ୍ତୁ, ସାଧାରଣ ଲୋକ ପ୍ରତିଦିନ ଗଛ ପାଇଁ ଘଣ୍ଟାଏ ସମୟ ଦେବା ଦରକାର ବୋଲି ସେ କହିଛନ୍ତି। ବର୍ତ୍ତମାନ ରାସ୍ତା କଡ଼ରୁ ଗଛ କଟାଯାଇ ଚଉଡ଼ା କରାଯିବା ଘଟଣାକୁ ସେ ନାପସନ୍ଦ କରିଛନ୍ତି। ତାଙ୍କ ମତରେ ଗଛକୁ ଅତ୍ୟାଧୁନିକ ଉପାୟରେ ଉପାଡ଼ି ଅଲଗା ସ୍ଥାନରେ ଲଗାଇବା ଆବଶ୍ୟକ। ଏହାଦ୍ୱାରା ବହୁବର୍ଷର ଗଛଟି ବଞ୍ଚିରହିବା ସହ ଜୀବଜଗତ ତିଷ୍ଠି ରହିବ।

### ପରିବେଶ ପାଇଁ ସମର୍ପିତ ଦମ୍ପତି

ପରିବେଶ ପାଇଁ ସମର୍ପିତ ଏକ ଦମ୍ପତି ହେଲେ ଆଦିତ୍ୟ କୁମାର ଦାଶ ଓ ସ୍ତ୍ରୀ ସଂଘମିତ୍ରା ମିଶ୍ର। ଆଦିତ୍ୟ ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ ଥିବାବେଳେ ସଂଘମିତ୍ରା ଗୃହିଣୀ। ଛୁଟି ଦିନରେ ଏହି ଦମ୍ପତି ପରିବେଶ ସଚେତନଧର୍ମୀ ବିଭିନ୍ନ କାର୍ଯ୍ୟକ୍ରମ କରନ୍ତି। ଆଦିତ୍ୟଙ୍କ ଘର ଓଡ଼ଗାଁ ବ୍ଲକ ଗୋଡ଼ିପଡ଼ାରେ ହେଇଥିବାବେଳେ ସେ ନୟାଗଡ଼ରେ ରୁହନ୍ତି। ପ୍ରଥମେ ଗ୍ରାମରୁ ସେ ତାଙ୍କର ପରିବେଶ ସଚେତନତା ଯାତ୍ରା ଆରମ୍ଭ କରନ୍ତି। ଗ୍ରାମର ଯୁବକମାନଙ୍କୁ ନେଇ ଖାଲି ସ୍ଥାନରେ ବିଭିନ୍ନ ପ୍ରକାର ଗଛ ଲଗାନ୍ତି। ବିବାହ ପରେ ସହଧର୍ମିଣୀ ସଂଘମିତ୍ରା ତାଙ୍କର ଏହି କାର୍ଯ୍ୟକୁ ପ୍ରଶଂସା କରି ତାଙ୍କ ପାଦରେ ପାଦ ମିଶାଇ ଚାଲିଛନ୍ତି। ଗ୍ରୀନ ଆର୍ଥ ନାମରେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ କରି ପରିବେଶ ସଚେତନଧର୍ମୀ କାର୍ଯ୍ୟ କରୁଛନ୍ତି। ଧରିତ୍ରୀ ଦିବସଠାରୁ ଆରମ୍ଭ କରି ବାଇଚଢ଼େଇ, ଘରଚଟିଆ, ବିଶ୍ୱ ପରିବେଶ ଦିବସ ଆଦି ପାଳନ କରି ଏହି ଦମ୍ପତି ଲୋକମାନଙ୍କୁ ସଚେତନ କରିବାରେ ଲାଗିଛନ୍ତି। ଅନେକ ସମୟରେ ବିଭିନ୍ନ ପାହାଡ଼ର ଟାଙ୍ଗରା ଭୂଇଁରେ ଗଛ ଲଗାଇବା ସହ ମଞ୍ଜି ପୋତିବା କାର୍ଯ୍ୟ କରନ୍ତି। ଶିଖରପୁର ଗ୍ରାମରେ ଘରଚଟିଆମାନେ ବସବାସ କରିବା ପାଇଁ ଲୋକମାନଙ୍କ ଘରେ କୃତ୍ରିମ ବସାର ବନ୍ଦୋବସ୍ତ କରିଛନ୍ତି। ପ୍ରତ୍ୟେକ ରବିବାର (ବିଶେଷ କାରଣରୁ ଗୋଟିଏ ଗୋଟିଏକୁ ବାଦ୍‌ଦେଲେ) ଆଦିତ୍ୟ ଜିଲାର ବିଭିନ୍ନ ସ୍ଥାନରେ ପଶୁ, ପକ୍ଷୀ ଓ ପରିବେଶ ଉପରେ ଲୋକମାନଙ୍କୁ ସଚେତନ କରନ୍ତି। ଦିନକୁ ଦିନ ଜଙ୍ଗଲ ହ୍ରାସ ପାଇବା ସହ ପରିବେଶ ଅସନ୍ତୁଳିତ ହେବାରେ ଲାଗିଲାଣି। ବୃକ୍ଷ ଲଗାଇବା ଦ୍ୱାରା ବାୟୁ, ଜଳ ସାଙ୍ଗକୁ ପରିବେଶ ନିୟନ୍ତ୍ରଣ କରାଯାଇପାରିବ ବୋଲି ଏହି ଦମ୍ପତି ପ୍ରକାଶ କରନ୍ତି।



ଆଦିତ୍ୟ ଓ ସଂଘମିତ୍ରା ପରିବେଶ ଉପରେ ସଚେତନତା କରୁଛନ୍ତି।


ଗୁଣ୍ଡରାବାରୀ ଗ୍ରାମର ମହିଳାମାନେ ଗଛ ଜଗିଛନ୍ତି।

### ପ୍ରକୃତିର ବନ୍ଧୁ କୃପାସିନ୍ଧୁ

କେତେକ ବ୍ୟକ୍ତି କୌଣସି ସ୍ୱାର୍ଥ ନ ରଖି ଗଛ ଲଗାଉଥିବା ଦେଖାଯାଏ। ସେହିଭଳି ଜଣେ ବ୍ୟକ୍ତି ହେଉଛନ୍ତି ନୟାଗଡ଼ ବ୍ଲକ ନାଟୁଗାଁ ପଞ୍ଚାୟତ ସାଲୁଣି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ କୃପାସିନ୍ଧୁ ବିଶ୍ୱାଳ। ଆଖପାଖ ଚାରିଖଣ୍ଡ ଗ୍ରାମରେ କାଶୀ ସାର୍ ଭାବେ ପରିଚିତ କୃପାସିନ୍ଧୁ। ଅବସର ପରେ ସେ ଗଛ ଲଗାଇବା ସହ ଗ୍ରାମ ସଫେଇ ଆଦି କାର୍ଯ୍ୟ କରୁଛନ୍ତି। ଗଛଲତା ପ୍ରତି ମୋହ ଏତେ ଯେ ସ୍କୁଲରୁ ଆସି ସିଧା ଯାଆନ୍ତି ନଦୀ ବନ୍ଧକୁ। ସେଠାରେ ଲଗାଇଥିବା ଗଛକୁ ପାଣି ଦେବା ସହ ଯତ୍ନ ନିଅନ୍ତି। କୃପାସିନ୍ଧୁଙ୍କ କହିବା କଥା କଲେଜରେ ପଢ଼ିଲାବେଳୁ ଗଛ ଲଗାଇବା ପ୍ରତି ତାଙ୍କର ଦୁର୍ବଳତା ଆସିଲା। ନୟାଗଡ଼ କଲେଜରେ ପଢୁଥିବା ସମୟରେ ସପ୍ତାହରେ ଗୋଟିଏ ଦିନ ଛୁଟିଦିନରେ ଆସି ସେ ଗଛର ଯତ୍ନ ନିଅନ୍ତି। ଗ୍ରାମ ନିକଟ ଲୁଣିଝରୀ ନଦୀବନ୍ଧରେ ଲଗାଇଥିବା ଆମ୍ବ ଗଛରୁ ଲୋକେ ଆମ୍ବ ଖାଉଥିବା ଦେଖିଲେ ତାଙ୍କୁ ଆନନ୍ଦ ଲାଗେ। ସେ କହନ୍ତି ଆମ୍ବ ସହିତ ଆକାଶିଆ ଓ ବାଉଁଶ ଗଛ ଲଗାଇବାକୁ ତାଙ୍କୁ ଭଲ ଲାଗେ। ବର୍ତ୍ତମାନ କିଛିବର୍ଷ ହେଲା ନଦୀରେ କୁଳ ଖାଇ ଗଛଗୁଡ଼ିକ ନଷ୍ଟ ହୋଇଯାଉଥିବାରୁ ସେ ଏଥିନେଇ ଚିନ୍ତିତ। କିପରି ଆଗାମୀ ଦିନରେ ନଦୀବନ୍ଧରେ ଥିବା ଗଛ ସୁରକ୍ଷିତ ରହିପାରିବ ସେ ନେଇ ପ୍ରଶାସନ ତରଫରୁ ବନ୍ଦୋବସ୍ତ କରିବାକୁ ସେ ଅନୁରୋଧ କରିଛନ୍ତି। ପୂର୍ବରୁ ନଦୀ ପଠାରେ ଥିବା ଗଛ ଗୁଡ଼ିକରେ ଟିଣ ଭାରରେ ପାଣି ଦେଉଥିଲାବେଳେ ବର୍ତ୍ତମାନ ବୟସ ହୋଇଯାଇଥିବାରୁ ବାଲ୍‌ଟିରେ ପାଣି ବୋହି ଗଛରେ ଦେଉଛନ୍ତି। ଦୁଇବର୍ଷ ତଳେ ବ୍ରେନ୍ ମ୍ୟାଲେରିଆରେ ଚିକିତ୍ସିତ ହେଉଥିବାବେଳେ ଗଛ ଆଶୀର୍ବାଦରୁ ଜୀବନ ପାଇଥିବା ସେ କହନ୍ତି।

### ଜଙ୍ଗଲ ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ଗ୍ରାମ ଗୁଣ୍ଡରାବାରି

ନୟାଗଡ଼ ଜିଲାରେ ଠେଙ୍ଗା ପାଳି କରି


କୃପାସିନ୍ଧୁ ଗଛରେ ପାଣି ଦେଉଛନ୍ତି।

ଜଙ୍ଗଲ ଜଗିବା ପ୍ରସଙ୍ଗ ବ୍ରିଟେନ୍‌ର ହାମ୍ପସାୟାର୍‌ଠାରେ ଅବସ୍ଥିତ ଏକ ବିଶ୍ୱବିଦ୍ୟାଳୟ ତା'ର ଶ୍ରେଣୀ ପାଠ୍ୟକ୍ରମରେ ସ୍ଥାନିତ କରିଛି। ସେହିପରି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଫରେଷ୍ଟ ମ୍ୟାନେଜମେଣ୍ଟ (ଆଇଆଇଏଫଏମ୍) ପାଠ୍ୟକ୍ରମରେ ମଧ୍ୟ ଏହା ସ୍ଥାନ ପାଇଛି। ରଣପୁର ବ୍ଲକ ଦର୍ପନାରାୟଣପୁର ପଞ୍ଚାୟତ ଗୁଣ୍ଡରାବାରି ଗ୍ରାମରେ ଲୋକଙ୍କ ଠେଙ୍ଗା ପାଳି ଜଙ୍ଗଲ ସୁରକ୍ଷା ସତରେ ନିଆରା। ଏହି ଆଦିବାସୀ ଗ୍ରାମରେ ଲୋକସଂଖ୍ୟା ୮୦। ହେଲେ ପରିବେଶ ପ୍ରତି ସେମାନଙ୍କ ଭଲ ପାଇବା ଅନ୍ୟମାନଙ୍କ ପାଇଁ ପାଲଟିଛି ଉଦାହରଣ। ଗ୍ରାମର ମହିଳା ଓ ପୁରୁଷ ପାଳି କରି ଜଙ୍ଗଲ ଜଗୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗ୍ରାମରେ ଥିବା ୨୭ ଜଣ ମହିଳା ଜଙ୍ଗଲ ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ । ସକାଳେ ୪ ଜଣ ମହିଳା ଓ ରାତିରେ ୪ ଜଣ ପୁରୁଷ ଠେଙ୍ଗା ଧରି ଜଙ୍ଗଲ ଜଗନ୍ତି। ଏମାନଙ୍କର ଏହି ଉଦ୍ୟମ ପାଇଁ ୪୦ ବର୍ଷ ତଳେ ଲଣ୍ଡା ପଡ଼ିଥିବା ୧୦୦ ଏକର ଚାଞ୍ଚୁଣିଆ ପାହାଡ଼ ଆଜି ସବୁଜିମାରେ ହସି ଉଠୁଛି। ଶାଳ, ଶାଗୁଆନ, ଚାକୁଣ୍ଡା ଆଦି ଗଛରେ ପରିପୂର୍ଣ୍ଣ ହୋଇଉଠିଛି ପାହାଡ଼। ସକାଳେ ଯାଇ ମହିଳାମାନେ ଜଙ୍ଗଲକୁ ସଫା କରିବା ସହ ଗଛର ଯତ୍ନ ନିଅନ୍ତି। ବର୍ଷା ଓ ପବନରେ ଭାଙ୍ଗିଯାଉଥିବା ଗଛକୁ ଆଣି ନିଲାମ କରି ଯାହା ଅର୍ଥ ମିଳେ ତାହାକୁ କୋଠରେ ରଖନ୍ତି। ଗ୍ରାମରେ କାହାର ବାହାଘର କିମ୍ବା ଅସୁବିଧା ବେଳେ ଏହାକୁ ଖର୍ଚ୍ଚ କରନ୍ତି।

## ଯୁକ୍ତ ୨ ବିଜ୍ଞାନରେ ସଫଳତା

**ଖଣ୍ଡପଡା,୪।୬(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ପଠାଣୀ ସାମନ୍ତ ମହାବିଦ୍ୟାଳୟ ଯୁକ୍ତ ୨ ବିଜ୍ଞାନରେ ସମୁଦାୟ ୮୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୧, ଦ୍ୱିତୀୟରେ ୨୨ ଓ ତୃତୀୟ ଶ୍ରେଣୀରେ ୩୮ ଜଣ ଛାତ୍ରୀ ଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୦ଜଣ ଅକୃତକାର୍ଯ୍ୟ ହୋଇଛନ୍ତି । ଏକ୍ସ ରେଗୁଲାର ୮ଜଣଙ୍କ ମଧ୍ୟରୁ ଜଣେ ପିଲା ପରୀକ୍ଷା ଦେଇ ନଥିବା ବେଳେ ୩ଜଣ ପାସ କରିଛନ୍ତି। ପ୍ରଥମ ଶ୍ରେଣୀରେ ପାସ କରିଥିବା ୧୧ ଜଣଙ୍କ ମଧ୍ୟରୁ ଛାତ୍ରୀ ଦିପ୍ତିମୟୀ ସାହୁ ୬ଶହରୁ ୪୭୬ ନମ୍ବର ରଖିଥିବା ଜଣା ପଡିଛି। ସେହିପରି କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ସମୁଦାୟ ୪୨ ଜଣ ରେଗୁଲାର ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪ଜଣ ଫେଲ ହୋଇଥିବା ବେଳେ ପ୍ରଥମ, ଦ୍ୱିତୀୟ ଓ ୩ୟ ଶ୍ରେଣୀରେ ଯଥାକ୍ରମେ ୩, ୯ ଓ ୧୫ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏକ୍ସ ରେଗୁଲାର ୭ଜଣଙ୍କ ମଧ୍ୟରୁ ୪ଜଣ ପାସ କରିଛନ୍ତି । ଭାପୁର ବ୍ଲକ ପଦ୍ମାବତୀ ପ୍ରହଲ୍ଲାଦ ମହାବିଦ୍ୟାଳୟର ୪୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧ମ, ୨ୟ ଓ ୩ୟ ଶ୍ରେଣୀରେ ଯଥାକ୍ରମେ ୫, ୬ ଓ ୧୨ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨୨ ଜଣ ଫେଲ ହୋଇଛନ୍ତି।

## ପଥିକଙ୍କୁ ଦହି ସରବତ ବଣ୍ଟନ

**ବୋଲଗଡ଼,୪।୬(ଡି.ଏନ.ଏ.)**

ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବୋଲଗଡ଼ ବ୍ଲକ ଗେଡିଆପଲ୍ଲୀଠାରେ ସ୍ଥାନୀୟ ଯୁବକମାନେ ମଙ୍ଗଳବାର ପଥିକଙ୍କୁ ଥଣ୍ଡା ଦହି ସରବତ ବଣ୍ଟନ କରିଛନ୍ତି। ବାଘମାରୀ-କଣ୍ଟିଲୋ ରାସ୍ତାରେ ଯାତାୟାତ କରୁଥିବା ପଥିକମାନଙ୍କୁ ଗେଡ଼ିଆପଲ୍ଲୀଠାରେ ଘୋଳଦହି ଏବଂ ଥଣ୍ଡା ପାନୀୟ ପିଇବାକୁ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସଞ୍ଜୟ କୁମାର ବଳିୟାରସିଂହ, ପ୍ରସନ୍ନ ବେହେରା, ରାଜିବଲୋଚନ ସାହୁ, ସଞ୍ଜୀବ ସେଠୀ ଓ ଦିଲୀପ ଦାଶ ପ୍ରମୁଖ ସହଯୋଗ କରିଥିଲେ।

## କାର୍‌ରେ ଆସି ଲୁଟିନେଲେ ୧.୬୦ ଲକ୍ଷ ଟଙ୍କା

**ନୟାଗଡ଼ ଅଫିସ,୪।୬**

ମଙ୍ଗଳବାର ଦୁର୍ବୃତ୍ତମାନେ କାର୍‌ରେ ଆସି ଦୁଇ ଫାଇନାନ୍ସ କର୍ମଚାରୀଙ୍କଠାରୁ ୧ ଲକ୍ଷ ୬୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଘଟଣା ଘଟିଛି ଇଟାମାଟି ଥାନା କେନ୍ଦୁଝିପି ଆଇଟିଆଇ ଛକ ନିକଟରେ। ପ୍ରକାଶ ଯେ, ସ୍ପନ୍ଦନ ନାମକ ଏକ ଫାଇନାନ୍ସ ସଂସ୍ଥାର କର୍ମଚାରୀ ଜ୍ଞାନେନ୍ଦ୍ର ଜେନା ଓ ମିହିର ପ୍ରଧାନ ବାଇକ୍‌ରେ ରଣପୁରରୁ ଟଙ୍କା ସଂଗ୍ରହ କରି ନୟାଗଡ଼ ଅଭିମୁଖେ ଆସୁଥିଲେ। ଅପରାହ୍ନ ପ୍ରାୟ ୧ଟା ୩୦ ମିନିଟ ସମୟରେ ପିଛା କରୁଥିବା ଏକ କାର୍ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଦୁହେଁ ତଳେ ପଡ଼ି ଯାଇଥିଲେ।


ଲୁଟ୍ ହୋଇଥିବା ସ୍ଥାନରେ ଲୋକଙ୍କ ଭିଡ଼।

ପରେ କାର୍‌ରେ ଥିବା ଡ୍ରାଇଭର ସମେତ ୫ ଜଣ ଦୁର୍ବୃତ୍ତ ଆସି ଦୁଇଜଣଙ୍କ ବ୍ୟାଗରେ ଥିବା ୧ ଲକ୍ଷ ୬୦ ହଜାର ଟଙ୍କା ଲୁଟି ନେଇ ରଣପୁର ଅଭିମୁଖେ ପଳାଇଥିଲେ। ପରେ କର୍ମଚାରୀମାନେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଇଟାମାଟି ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର କହନ୍ତି, ଦୁଇ କର୍ମଚାରୀଙ୍କଠାରୁ ୧ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ବେଳେ ଏ ନେଇ ତଦନ୍ତ କରାଯାଉଛି।

## ଛାନ୍ଦ ସଙ୍ଗୀତ ଆସର

**ନୟାଗଡ଼ ଅଫିସ,୪।୬**

ଓଡ଼ିଶାର ପ୍ରାଚୀନ କବିମାନଙ୍କ କାଳଜୟୀ ଗୀତକୁ ନେଇ ସାଂସ୍କୃତିକ ଅନୁଷ୍ଠାନ ଆର୍ଟ ପଏଣ୍ଟ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଏକ ହୋଟେଲରେ ଛାନ୍ଦ ସଙ୍ଗୀତ ଆସର ରାଗିଣୀ ଅନୁଷ୍ଠିତ ହୋଇଯାଇଛି। ଆର୍ଟ ପଏଣ୍ଟର ନିର୍ଦ୍ଦେଶକ ବିଜୟାନନ୍ଦ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟିକ ଡ. ବିଜୟ କୁମାର ଚୌଧୁରୀ ମୁଖ୍ୟବକ୍ତା ଓ ପ୍ରଦୀପ୍ତ କୁମାର ପଟ୍ଟନାୟକ, ପ୍ରମୋଦ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କବି ଭକ୍ତଚରଣ ଦାସ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ସାମନ୍ତସିଂହାରଙ୍କ ବିଭିନ୍ନ ଛାନ୍ଦକୁ ନେଇ କଣ୍ଠଶିଳ୍ପୀ ନବକିଶୋର ମିଶ୍ର, ପ୍ରଭାତ ଦାଶ, ବିଜୟାନନ୍ଦ ମହାପାତ୍ର, ଜୟଶ୍ରୀ ଦେବୀ, ରଜନୀକାନ୍ତ ମହାପାତ୍ର, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଗୋବିନ୍ଦ ବିଚ୍ଛେଦ ବରଜନାରୀ, ରମଣୀ ରତନ ମେଘକୁ ଚାହିଁ, ବିତଳକୁ ଆଲିଙ୍ଗନ, ଶ୍ରୀରାଧା ବାତୁଳି ଛାନ୍ଦ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ବାଦକ ଜୟକୃଷ୍ଣ ବାରିକ, ବଂଶୀବାଦକ ସୂର୍ଯ୍ୟନାରାୟଣ ଭୂୟାଁ, ବେହେଲାରେ ପୂର୍ଣ୍ଣଚନ୍ଦ୍ର ଶତପଥୀ, ତବଲାରେ ଗୋପବନ୍ଧୁ ବେହେରା ପ୍ରମୁଖ ସହାୟତା କରିଥିଲେ। ଶରତ ଚନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟକ ସଙ୍ଗୀତ ପ୍ରେମୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।



କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଉଛି।

## ଅଙ୍ଗନୱାଡି କେନ୍ଦ୍ର ୧୧ ମାସ ବନ୍ଦ ହେବା ଘଟଣାର ହସ୍ତକ୍ଷେପ କଲେ ଜିଲାପାଳ

# ଗ୍ରାମ ନିଷ୍ପତ୍ତି ପରେ ତାଲା ଖୋଲିବେ ଗ୍ରାମବାସୀ

**ନୂଆଗାଁ,୪।୬(ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ଦୁର୍ଦ୍ଧୁରା ପଞ୍ଚାୟତର ବନମାଳୀପୁର ଠାରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ଓ ସହାୟିକାଙ୍କ ମଧ୍ୟରେ କନ୍ଦଳ ଲାଗିବାରୁ ଗ୍ରାମବାସୀ କେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ଫଳରେ ଦୀର୍ଘ ୧୧ ମାସ ହେଲା କେନ୍ଦ୍ରଟି ବନ୍ଦ ହୋଇ ରହିଛି। କେନ୍ଦ୍ର ଅଧୀନରେ ଥିବା ପ୍ରସୂତି ଓ ଗର୍ଭବତୀ ମହିଳା, ଶିଶୁମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏହାର ଏକ ସ୍ଥାୟୀ ସମାଧାନ ପାଇଁ ନୟାଗଡ ଜିଲାପାଳ ଏଥିରେ ହସ୍ତକ୍ଷେପ କରି ମଙ୍ଗଳବାର ଏକ ପୋଲିସ ସ୍କ୍ୱାର୍ଡ ଓ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ଅଧିକାରୀମାନଙ୍କୁ ବନମାଳିପୁର ପଠାଇଥିଲେ । ଏହି ଟିମ୍ ବନମାଳୀପୁର ଅଙ୍ଗନୱାଡି କେନ୍ଦ୍ରଠାରେ ପହଞ୍ଚି ୱାର୍ଡ ସଭ୍ୟ, ଗ୍ରାମ ସଭାପତି, ସମ୍ପୃକ୍ତ ଅଙ୍ଗନୱାଡି କର୍ମୀ, ସହାୟିକା ଓ ଗ୍ରାମବାସୀଙ୍କୁ ଡାକି ସମ୍ପୂର୍ଣ୍ଣ ଘଟଣା ଶୁଣିଥିଲେ। ଏହାର ସମାଧାନ ନେଇ ଗ୍ରାମରେ ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ନୟାଗଡ ସଦର ଥାନା ଆଇଆଇସି ଅନ୍ନପୂର୍ଣ୍ଣା ବେହେରା, ନୟାଗଡ ସିଡିପିଓ ତଥା ନୂଆଗାଁ ଦାୟିତ୍ୱରେ ଥିବା ସିଡିପିଓ ଆରତୀ ପଟ୍ଟନାୟକ, ସୁପରଭାଇଜର ସଞ୍ଜୁଲତା କହଁର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ । ଅଙ୍ଗନୱାଡି କର୍ମୀ ନୟନୀ ମଲିକ ଓ ସହାୟିକା ଗୁଲୁବାସୀ ସ୍ୱାଇଁ ସମସ୍ତ ଘଟଣା ବର୍ଣ୍ଣନା କରିଥିଲେ। ସେମାନଙ୍କ ମଧ୍ୟରେ କନ୍ଦଳ ମଶାରୀ ବଣ୍ଟନକୁ ନେଇ ହୋଇଥିଲା। ଫଳରେ ଗ୍ରାମବାସୀ ଉକ୍ତ କେନ୍ଦ୍ରରେ ତାଲା ପକାଇ ଦେଇଥିଲେ । ଗ୍ରାମବାସୀ ଅଙ୍ଗନୱାଡି କେନ୍ଦ୍ରର ତାଲା ଖୋଲି ଦିଅନ୍ତୁ ବୋଲି ଉକ୍ତ ସଭାରେ କର୍ମୀ ଓ ସହାୟିକା ଅନୁରୋଧ କରିଥିଲେ। ତେବେ ଆସନ୍ତା ବୁଧବାର ବନମାଳୀପୁରର ସମସ୍ତ ଗ୍ରାମବାସୀଙ୍କ ଉପସ୍ଥିତିରେ ବୈଠକ କରାଯିବ ଏବଂ ଗ୍ରାମର ନିଷ୍ପତି ପରେ ଅଙ୍ଗନୱାଡି କେନ୍ଦ୍ରର ତାଲା ଖୋଲାଯିବ ବୋଲି ଗ୍ରାମ ସଭାପତି କୃଷ୍ଣଚନ୍ଦ୍ର ଜେନା ଓ ୱାର୍ଡ ସଭ୍ୟ କବିରାଜ ଖଣ୍ଡୁଆଳ ଉପସ୍ଥିତ ଅଧିକାରୀମାନଙ୍କ ସମ୍ମୁଖରେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ବନମାଳୀପୁର ଅଙ୍ଗନୱାଡି କେନ୍ଦ୍ରରେ ୯ ଜଣ ଶିଶୁ ପଢୁଥିବା ବେଳେ କେନ୍ଦ୍ରରେ ବର୍ତ୍ତମାନ ୫ ଜଣ ଗର୍ଭବତୀ ମହିଳା ଓ ୪ ପ୍ରସୂତି ହିତାଧିକାରୀ ରହିଛନ୍ତି। ସେମାନଙ୍କ ଦାୟିତ୍ୱ ଅଙ୍ଗନୱାଡି କର୍ମୀ ନୟନୀ ମଲିକ ଓ ସହାୟିକା ଗୁଲୁବାସୀ ସ୍ୱାଇଁଙ୍କ ଉପରେ ନ୍ୟସ୍ତ ରହିଛି । ତେବେ ଗତ ଜୁଲାଇ ମାସରେ ସରକାରଙ୍କ ତରଫରୁ ମାଗଣା ମଶାରୀ ବଣ୍ଟନ କରାଯାଉଥିବା ବେଳେ ସହାୟିକା ସ୍ୱାଇଁ କର୍ମୀ ମଲିକଙ୍କୁ ଗୋଟିଏ ମଶାରୀ ମାଗିଥିଲେ । କିନ୍ତୁ ସେ ଦେଇ ନଥିଲେ । ଫଳରେ ସହାୟିକା କର୍ମୀଙ୍କ ଉପରେ ରାଗି ଗ୍ରାମବାସୀଙ୍କ ଆଗରେ କର୍ମୀଙ୍କ ନାମରେ ନା ନା ମିଥ୍ୟା ଅଭିଯୋଗ କରିଥିଲେ । ଏଥିରେ ଗ୍ରାମବାସୀ କ୍ଷୁବ୍ଧ ହୋଇ ଏକ ସଭା ଡକାଇଥିଲେ । ଉକ୍ତ ସଭାରେ କର୍ମୀ ଗ୍ରାମବାସୀଙ୍କୁ ଅଶ୍ଳୀଳ ଭାଷାରେ ମନ୍ତବ୍ୟ ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସଭାରେ ଉଭୟଙ୍କୁ ଜରିମାନା କରାଯିବାରେ ସହାୟିକା ଜରିମାନା ବାବଦକୁ ଅର୍ଥ ପୈଠ କରିଥିବା ବେଳେ କର୍ମୀ ଅର୍ଥ ନ ଦେବାରୁ ଗ୍ରାମ ସଭାକୁ ଅବମାନନା କରିଥିବା କହି ଗ୍ରାମବାସୀ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଥିଲେ । କେନ୍ଦ୍ରଟିକୁ କାର୍ଯ୍ୟକ୍ଷମ କରିବା ପାଇଁ ସିଡିପିଓ ଅନେକ ଚେଷ୍ଟା କରି ବିଫଳ ହୋଇଥିବା ବେଳେ ଏହି ଆଲୋଚନା ପରେ ଖୁବଶିଘ୍ର ସଚଳ ହେବ ବୋଲି ଆଶା ରହିଥିବା ସିଡିପିଓ ପଟ୍ଟନାୟକ କହିଛନ୍ତି।


ଆଲୋଚନା ପାଇଁ ବସିଛି ବୈଠକ।